


## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ୭୮ ଲିଟର ମଦ ଜବତ



ରାଇଘର, ୧୨।୪ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁମୁଲି ଗାଁସ୍ଥିତ ଏକ ଦୋକାନରେ ଅବକାରୀ ବିଭାଗ ଚଢ଼ାଉ କରି ୭୮ ଲିଟର ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗାଁର ଦେବାଶିଷ ମଜୁମ୍‌ଦାର। ପ୍ରକାଶ ଯେ, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଇଘର ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ କୁମୁଲି ଗାଁର ଏକ ଦୋକାନରେ ଚଢ଼ାଉ କରିଥିଲା। ଏହି ସମୟରେ ସେଠାରୁ ୭୮ ଲିଟର ମଦ ଜବତ କରିବା ସହ ଦେବାଶିଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏହି ଚଢ଼ାଉ ସମୟରେ ରାଇଘର ଅବକାରୀ ନିରୀକ୍ଷକ ଜଗଦୀଶ ପ୍ରସାଦ ନାଥ, ଉପନିରୀକ୍ଷକ ପ୍ରକାଶ ଦାସ, ସହ ଉପନିରୀକ୍ଷକ କୁଶ ଜାଲ, ମାଖନ ହାଲଦାର, ସୁରେନ୍ଦ୍ର ପଣ୍ଡା, ସୁରେଖା ଭତ୍ରା, ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଗିରଫ

ପାରଳାଖେମୁଣ୍ଡି, ୧୨।୪ (ସ୍ୱ.ପ୍ର.) - ଗଜପତି ଜିଲା ସଦର ମହକୁମାର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ନେଇ ଅଭିଯୋଗ ହେବା ପରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ ସହରର ଲକ୍ଷ୍ମୀନଗର ଅଞ୍ଚଳରେ ସୁବାସିନୀ ଚୌଧୁରୀ ଏକୁଟିଆ ଘରେ ଥିବା ସମୟରେ ବେବର୍ତ୍ତା ସାହି ଅଞ୍ଚଳର ମୁରଲୀଧର ପଟ୍ଟନାୟକ ନାମକ ଯୁବକ ତାଙ୍କ ଘରେ ପଶି ତାଙ୍କୁ ଟଣାଓଟରା କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ତାଙ୍କ ତଣ୍ଟିକୁ ମଧ ଚିପି ଧରି ତାଙ୍କୁ ବିଭିନ୍ନ ଧମକ ଚମକ ଦେଇଥିଲେ। ଘରେ ପାଟିତୁଣ୍ଡ ଶୁଣି ପାଖ ପଡ଼ୋଶୀମାନେ ଚାଲି ଆସିବାରୁ ମୁରଲୀ ସେଠାରୁ ଦୌଡ଼ି ପଳାଇଥିଲେ। ଏନେଇ ସୁବାସିନୀ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିବା ପରେ ଏହାକୁ ଭିତ୍ତିକରି ପୋଲିସ ୯୦/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବୋଲି ଏସ୍.ଆଇ. ପି.ବି. ଶତପଥୀ କହିଛନ୍ତି।

### କଫି ବଗିଚାରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଦାରିଙ୍ଗବାଡି,୧୨।୪(ଡି.ଏନ.ଏ)- ଦାରିଙ୍ଗବାଡିଠାରେ ଥିବା କଫି ବଗିଚାରେ କେହି ଦୁର୍ବୃତ୍ତ ଶୁକ୍ରବାର ଅପରାହ୍ନରେ ନିଆଁ ଲଗାଇଦେଇଛି। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ସାଇବ ପ୍ରଧାନ କହିଛନ୍ତି। ୭ଶହରୁ ୮ଶହ କଫି ଗଛ ନଷ୍ଟ ହୋଇଥିବା ବେଳେ ନିକଟରେ ରହିଥିବା ପ୍ରାୟ ୨୫ଶହ ଫୁଲଝାଡୁ ଗଛ ପୋଡି ପାଉଁଶ ହୋଇଯାଇଛି। ଏଥିସହ ଅନ୍ୟାନ୍ୟ କିଛି ଗଛ ମଧ ପୋଡିଛି। କିଏ ନିଆଁ ଲଗାଇଛି ତାର ତଦନ୍ତ ଚାଲିଛି। କଫି ବଗିଚା ନିକଟରେ ଏକାଧିକ ଗ୍ରାମ ରହିଛି। ସେଠାରେ ହଳଦୀ ଚାଷ ଜମି ରହିଥିବା ବେଳେ କଫି ବଗିଚା ଦେଇ ଲୋକଙ୍କ ଚଳପ୍ରଚଳ ରହିଛି। କେହି ଦୁବୃତ୍ତ ଏହି କାମ ଜାଣିଶୁଣି କରିଥିବା ଅନୁମାନ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ପର୍ଯ୍ୟଟକମାନେ ମଧ ଦାରିଙ୍ଗବାଡି ଅଞ୍ଚଳକୁ ଆସିଲେ ବିଭିନ୍ନ ସ୍ଥାନରେ ବଣଭୋଜି କରିଥାନ୍ତି। କଫି ବଗିଚା ଭିତରେ ରୋଷେଇ ପାଇଁ ବାରଣ କରାଯାଇଥିବାରୁ ବାହାରେ ଭୋଜି ରାନ୍ଧିଥାନ୍ତି। ସବୁ ଦିଗରୁ ତଦନ୍ତ ଚାଲିଥିବା ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ପ୍ରଧାନ କହିଛନ୍ତି।

# ରିଜର୍ଭ ପୋଲିସ ଅଫିସ ଆଗରେ ଆନ୍ଦୋଳନ

## ନିର୍ବାଚନରେ ନିୟୋଜିତ ଗାଡି ଚାଳକ ଦେଇପାରିଲେନି ଭୋଟ

ନବରଙ୍ଗପୁର,୧୨।୪(ବି.ପ୍ର.)

ନବରଙ୍ଗପୁର ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ସହ ଶେଷ ହୋଇଥିଲେ ମଧ ଅନିୟମିତତା ହୋଇଥିବା ନେଇ ନିର୍ବାଚନ କାର୍ଯ୍ୟରେ ଲାଗିଥିବା ବସ୍, ଟ୍ରକ ଓ ବିଭିନ୍ନ ଚାରି ଚକିଆ ଯାନର ଡ୍ରାଇଭରମାନେ ଅଭିଯୋଗ କରିଛନ୍ତି। ଏହି ଡ୍ରାଇଭରମାନେ ଭୋଟ ଦେବାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିବା ସହ ପୋଲିସ ରିଜର୍ଭ କାର୍ଯ୍ୟାଳୟ ରାସ୍ତାରେ ଗାଡ଼ି ରଖି ଆନ୍ଦୋଳନ କରିଛନ୍ତି। ଏସ୍‌ପି ନିତିନ୍ ଦୁଗୁଡୁ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଡ୍ରାଇଭରମାନେ ରାସ୍ତାରୋକୋରୁ ହଟିଥିଲେ। ପ୍ରକାଶ ଯେ, ନିର୍ବାଚନ କାମରେ ଗତ ୮ତାରିଖରୁ ବିଭିନ୍ନ ଘରୋଇ ବସ୍, ଟ୍ରକ ଓ ଚାରି ଚକିଆ ଯାନକୁ ନିୟୋଜିତ କରାଯାଇଥିଲା। କିନ୍ତୁ ୧୧ ତାରିଖ ନିର୍ବାଚନ ସରିଥିଲେ ମଧ ଉକ୍ତ ଗାଡ଼ିଗୁଡ଼ିକୁ ୧୨ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ପାଲିସ ବିଭାଗ ଛାଡି ନ ଥିଲା। ନିର୍ବାଚନ ସମୟରେ ଗାଡିରେ କେବଳ ଡିଜେଲ ପକାଯାଇଥିଲା। ଡ୍ରାଇଭରମାନଙ୍କୁ ଖାଇବାକୁ ମଧ ଦିଆଯାଇ ନ ଥିଲା ବୋଲି ଡ୍ରାଇଭରମାନେ ଅଭିଯୋଗ କରିଛନ୍ତି। ନିର୍ବାଚନ କାମରେ ଥିବା ଡ୍ରାଇଭରମାନେ ତାଙ୍କ ମତଦାନରୁ ବଞ୍ଚିତ ହୋଇଛନ୍ତି। ଡ୍ରାଇଭରମାନେ କିଭଳି ମତଦାନ କରିବେ ସେ ନେଇ କୌଣସି ବ୍ୟବସ୍ଥା ମଧ ହୋଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାଛଡ଼ା ୧୨ ତାରିଖରେ କୌଣସି ଡିୟୁଟି ନ ଥିଲେ ମଧ ଗାଡ଼ିଗୁଡ଼ିକ ନ ଛାଡିବା ଓ ଖାଇବାକୁ ମଧ ଦିଆଯାଇ ନ ଥିବା ଡ୍ରାଇଭରମାନେ ଅଭିଯୋଗ କରିଛନ୍ତି। ଦୀର୍ଘସମୟ ଆନ୍ଦୋଳନ ପରେ ଏସ୍‌ପି ଦୁଗୁଡୁ ସେଠାରେ ପହଞ୍ଚି ଡ୍ରାଇଭରଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।



ଡ୍ରାଇଭରମାନେ ଆନ୍ଦୋଳନ କରୁଛନ୍ତି ।

# କଂଗ୍ରେସ ଛାଡ଼ିଲେ ମୀନାକ୍ଷୀ

## ଦଳରେ ଅଣଦେଖା କରାଯାଉଥିବା ଅଭିଯୋଗ

ପାରଳାଖେମୁଣ୍ଡି, ୧୨।୪ (ସ୍ୱ.ପ୍ର.)



ଗଜପତି ଜିଲା କଂଗ୍ରେସର ବରିଷ୍ଠ ମହିଳା ନେତ୍ରୀ ତଥା ରାଜ୍ୟ ମହିଳା କଂଗ୍ରେସର ସମ୍ପାଦିକା ମୀନାକ୍ଷୀ ସାହୁ ଦଳରୁ ଇସ୍ତଫା ଦେଇଛନ୍ତି। ସେ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟପଦ ମଧ ଛାଡିଛନ୍ତି। ଦଳରେ ତାଙ୍କୁ ଅଣଦେଖା କରାଯାଉଥିବା ସେ କହିଛନ୍ତି। ସେ ଚଳିତ ନିର୍ବାଚନରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ନେବାକୁ ଆବେଦନ କରିଥିଲେ ମଧ ତାଙ୍କୁ ଟିକେଟ ମିଳି ନ ଥିଲା। ଜଣେ ମାତ୍ର ମହିଳା ପ୍ରାର୍ଥୀଭାବେ ଦଳରୁ ଆବେଦନ କରିଥିଲେ ମଧ ତାଙ୍କୁ ଟିକେଟ ମିଳି ନ ଥିଲା। ଦଳର କିଛି ଲୋକେ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ନାମ ଟିକେଟ ଦୌଡରୁ ବାଦ କରିଥିବା ସେ ଅଭିଯୋଗ କରିଛନ୍ତି। ନିରଞ୍ଜନ ପଟ୍ଟନାୟକ ପ୍ରଦେଶ କଂଗ୍ରସ କମିଟି ସଭାପତି ଦାୟିତ୍ୱ ନେବାପରେ ରାଜ୍ୟ କଂଗ୍ରେସ ଏକ ବ୍ୟବସାୟ କେନ୍ଦ୍ର ପାଲଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ତାଙ୍କ ପରିବାରକୁ କଂଗ୍ରେସ ଦଳ ନିର୍ବାଚନ ସମୟରେ ମାଧ୍ୟମ କରି ଭୋଟ ଭିକ୍ଷା କରୁଛି। ଦଳ ପ୍ରଚାର ସମୟରେ ତାଙ୍କ ବାପା ତଥା ପାରଳାଖେମୁଣ୍ଡି ପୂର୍ବତନ ବିଧାୟକ ସ୍ୱର୍ଗତ ତ୍ରିନାଥ ସାହୁଙ୍କ ନାଁରେ ଲୋକଙ୍କୁ ଭୋଟ ମାଗୁଥିଲେ ମଧ ତାଙ୍କୁ ସର୍ବଦା ଅଣଦେଖା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଦିନରେ ତାଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥା ଜଣାପଡିବ ବୋଲି ସୂଚନା ମିଳିଛି।

# ଡାକ୍ତରଖାନାରେ ଚିକିତ୍ସା ପାଇଁ ଅର୍ଥ ମାଗି ଅଡୁଆରେ ଡାକ୍ତର

ପାରଳାଖେମୁଣ୍ଡି, ୧୨।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗର ଜଣେ ଡାକ୍ତର କେତେକ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଅର୍ଥ ଦାବି କରୁଥିବା ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି ଦେବୀ ପ୍ରସାଦ ପଟ୍ଟନାୟକ ଗତ କିଛିଦିନ ତଳେ ତାଙ୍କ ସ୍ତ୍ରୀଙ୍କ ପ୍ରସୂତି ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ । ସେ ସମୟରେ ପ୍ରସୂତି ବିଭାଗ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ଅର୍ଥ ମାଗିଥିଲେ। ଏହାକୁ ନେଇ ସେ ସମୟରେ ପାଟିତୁଣ୍ଡ ମଧ ହୋଇଥିଲା । ଦେବୀ ପ୍ରସାଦ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକ, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଲିଖିତ ଅଭିଯୋଗ କରିଥିଲେ। ଏହି ଚିକିତ୍ସାଳୟକୁ ଜିଲାର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ରୋଗୀମାନେ ଆସିଥାନ୍ତି । ସରକାରୀ ଚିକିତ୍ସାଳୟରେ ଅର୍ଥ ଦାବି କରାଯିବା ଘଟଣାକୁ ଅନେକ ନାପସନ୍ଦ କରିଛନ୍ତି। ଏନେଇ ଶୁକ୍ରବାର ପାରଳାଖେମୁଣ୍ଡି ସହରର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଯୁବକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପ୍ରସୂତି ବିଭାଗର ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସନ୍ତୋଷ କୁମାର ପାତ୍ର, ଗ୍ରାବିଏଲ୍ ବେହେରା, ମୋହନ କୁମାର ମହାକୁଡ, ସନ୍ତୋଷ କୁମାର ପଣ୍ଡା, ଶୁଭ୍ରାଂଶୁ ଗୁରୁ, ଏମ୍.ତ୍ରିନାଥ, ସୁଦର୍ଶନ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି । ତେବେ ଏହାକୁ ନେଇ ମୁଖ୍ୟ ଚିକିତ୍ସାଳୟ ପରିସରରେ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ହସ୍ତକ୍ଷେପ ଯୋଗୁ ପରିସ୍ଥିତି ଶାନ୍ତ ହୋଇଥିଲା।

### ଝଡ଼ବର୍ଷାରେ ରାସ୍ତା ବନ୍ଦ

ଭଞ୍ଜନଗର,୧୨।୪(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ଗାଳେରୀ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଝଡତୋଫାନ ସହ ବର୍ଷା ହୋଇଛି। ଏହା ପ୍ରଭାବରେ ଖଲିଆଗୋଛା ସେତୁକୁ ଲାଗି ଏକ ପୁରୁଣା ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିଲା। ଫଳରେ କିଛି ସମୟ ପାଇଁ ଗାଲେରୀ-ମୁଜାଗଡ ରାସ୍ତାରେ ଚଳାଚଳ ବନ୍ଦ ହୋଇଯାଇଥିଲା। ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ଗଛ କାଟିବାହାର କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।

### କୁକୁଡ଼ା ବୋଝେଇ ଟ୍ରକ ଓଲଟିଲା

ପାତ୍ରପୁର,୧୨।୪(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ତୁମ୍ବା ଗ୍ରାମ ଗୁମିଢ଼େପ ନିକଟରେ ଶୁକ୍ରବାର ଏକ କୁକୁଡ଼ା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଟ୍ରକ ତଳେ ଚାପିହୋଇ ୩ଶହରୁ ଉର୍ଦ୍ଧ କୁକୁଡ଼ାଙ୍କ ମୃତ୍ୟୁ ହୋଇଛି।

■ ପୂଜା ସାମଗ୍ରୀ ଦୋକାନରେ ଅଗ୍ନିକାଣ୍ଡ

# ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

ଝରିଗାଁ, ୧୨।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାସ୍ଥିତ ସନ୍ତୋଷ ମହାରଣାଙ୍କ ସୁରଜ ପୂଜା ଭଣ୍ଡାରରେ ଶୁକ୍ରବାର ଭୋରରୁ ନିଆଁ ଲାଗିଥିଲା। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ନେଇ ଅଗ୍ନିଶମ ବିଭାଗ କହିଛି।

ପ୍ରକାଶ ଯେ, ଶୁକ୍ରବାର ଭୋର ପ୍ରାୟ ୪ଟାରେ ସୁରଜ ପୂଜା ଭଣ୍ଡାରରେ ନିଆଁ ଲାଗିଥିବା ନେଇ ଦୋକାନ ସାମ୍ନାରେ ଥିବା ହୋଟେଲ ମାଲିକ ଦେଖିଥିଲେ। ସେ ସଙ୍ଗେ ସଙ୍ଗେ ସନ୍ତୋଷଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ଏହାପରେ ହୋଟେଲ ମାଲିକ ତୁରନ୍ତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଆସି ଘଟଣାସ୍ଥଳରେ ପହଞ୍ଚି ଦୋକାନ ତାଲା ଭାଙ୍ଗି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଦୋକାନରେ ଥିବା ଫ୍ରିଜ୍ ସମ୍ପୂର୍ଣ୍ଣ ଜଳିଯିବା ସହ ଅନ୍ୟ ପୂଜା ସାମଗ୍ରୀ ମଧ ପୋଡି ନଷ୍ଟ ହୋଇଯାଇଛି। ଶର୍ଟସର୍କିଟ ଯୋଗୁ ଦୋକାନରେ ନିଆଁ ଲାଗିଥିବା ନେଇ ଅଗ୍ନିଶମ ବିଭାଗ କର୍ମଚାରୀ କହିଛନ୍ତି।

# ମା' ବନଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ



ପୂଜା କାର୍ଯ୍ୟ ଚାଲିଛି।

ପାରଳାଖେମୁଣ୍ଡି, ୧୨।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠ ବେତାଗୁଡା ନିକଟସ୍ଥ ମା' ବନଦୁର୍ଗା ମନ୍ଦିରର ୧୧ତମ ବାର୍ଷିକୋତ୍ସବ ଓ ମା'ଙ୍କର ବାସନ୍ତିକ ସପ୍ତମୀ ପୂଜା ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଘୃତ୍‌ଯଜ୍ଞ ଏବଂ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ନେଇଥିଲେ। । ଏହି ବାର୍ଷିକୋତ୍ସବ ପାଳନ ଅବସରରେ ମନ୍ଦିରର ମୁଖ୍ୟ କୁଞ୍ଜବିହାରୀ ପଣ୍ଡା, ବଟକୃଷ୍ଣ ପାତ୍ର, ଗୌରାଙ୍ଗ ଚୌଧୁରୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଜଣା ଗାଡି ଧକ୍କାରେ କୃଷ୍ଣସାର ମୃତ

ଆସିକା,୧୨।୪(ଡି.ଏନ୍.ଏ.)

ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତାର ସହର ଉପକଣ୍ଠ ବାଲିଛାଇ-ଗୁଣ୍ଡପଡା ମଧ୍ୟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଅଜଣା ଗାଡି ଧକ୍କାରେ ଗୋଟିଏ ମାଈ କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ପ୍ରାୟ ଅଢେଇ ଫୁଟ ଉଚ୍ଚତା ଓ ସାଢେ ୩ ଫୁଟ ଲମ୍ବା ଏହି କୃଷ୍ଣସାରର ବୟସ ୨ ରୁ ୩ ବର୍ଷ ହେବ। ମୃତ କୃଷ୍ଣସାରର ବେକରେ ଶକ୍ତ ଆଘାତର ଚିହ୍ନ ରହିଛି। ଖବର ପାଇ ଆସିକା ବନବିଭାଗ ମୃତ କୃଷ୍ଣସାରଟିକୁ ଘଟଣାସ୍ଥଳରୁ ଆଣି ଆସିକା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଚାରିମାଇଲିସ୍ଥିତ ବନ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ହରିହର ମଲିକ ସୂଚନା ଦେଇଛନ୍ତି।

■ ନବରଙ୍ଗପୁର ଲୋକ ସଭା ଆସନ

# ୭୮.୮୯ ପ୍ରତିଶତ ମତଦାନ

ନବରଙ୍ଗପୁର, ୧୨।୪(ବି.ପ୍ର)

ରାଜ୍ୟର ୪ଟି ଲୋକସଭା ଆସନ ପାଇଁ ନିର୍ବାଚନ ଶେଷ ହୋଇଥିବାବେଳେ ନବରଙ୍ଗପୁର ଲୋକସଭା ଆସନରେ ୭୮.୮୯ ପ୍ରତିଶତ ମତଦାନ ହାଇଛି। ନବରଙ୍ଗପୁର ଲୋକସଭା ଆସନରେ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ସେଥି ମଧ୍ୟରୁ ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୯୩ ହଜାର ୮୨୮ ଭୋଟର ରହିଥିବା ବେଳେ ୧ଲକ୍ଷ ୫୩ ହଜାର ୯୭୦ ଜଣ ମତଦାନ କରିଛନ୍ତି। ଯାହାକି ୭୯.୪୪ ପ୍ରତିଶତ। ଝରିଗାଁ ବିଧାନସଭା ଆସନରେ ମୋଟ ୨ ଲକ୍ଷ ୧୨ ହାର ୪୦୯ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୭୫ ହଜାର ୮୬୦ ଭୋଟର ମତ ଦାନ କରିଛନ୍ତି। ଯାହାକି ୮୨.୭୯ ପ୍ରତିଶତ। ନବରଙ୍ଗପୁର ବିଧାନସଭା ଆସନରେ ମୋଟ ୨ ଲକ୍ଷ ୩୧ ହଜାର ୩୭୧ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୮୮ ହଜାର ୬୨୧ ଜଣ ମତଦାନ କରିଛନ୍ତି। ଯାହାକି ୮୧.୫୨ ପ୍ରତିଶତ ହେବ। ସେହିଭଳି ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ୧ ଲକ୍ଷ ୯୮ ହଜାର ୬୨୧ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୬୫ ହଜାର ୨୪୧ ଜଣ ମତଦାନ କରିଥିବା ବେଳେ ଏହା ୮୩.୧୯ ପ୍ରତିଶତ ବୋଲି ଜଣା ଯାଇଛି। କୋଟପାଡ ବିଧାନସଭା ନିର୍ବାଚନମଣ୍ଡଳୀରେ ୮୬.୮୩ ପ୍ରତିଶତ ଭୋଟ ହୋଇଥିବା ନେଇ ସୂଚନା ମିଳିଛି। ମାଲକାନଗିରି ବିଧାନସଭା ଆସନରେ ୭୨.୫୯ ପ୍ରତିଶତ ଓ ଚିତ୍ରକୋଣ୍ଡା ବିଧାନସଭା ଆସନରେ ୬୫.୩୩ ପ୍ରତିଶତ ମତଦାନ ହୋଇଥିଲା।

# ମୋହନାରେ ୭୫.୧୬, ପାରଳାଖେମୁଣ୍ଡିରେ ୬୮.୭୭ ପ୍ରତିଶତ ଭୋଟ

ପାରଳାଖେମୁଣ୍ଡି, ୧୨।୪ (ସ୍ୱ.ପ୍ର.)

ଗଜପତି ଜିଲାର ମୋହନା ନିର୍ବାଚନମଣ୍ଡଳୀ ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ଯଥାକ୍ରମେ ୭୫.୧୬ ଓ ୬୮.୭୭ ପ୍ରତିଶତ ମତଦାନ ହୋଇଛି। ତେବେ ୨୦୧୪ ସାଧାରଣ ନିର୍ବାଚନରେ ମୋହନା ନିର୍ବାଚନମଣ୍ଡଳୀରେ ୭୩.୯୫ ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୬୯.୫୦ ପ୍ରତିଶତ ମତଦାନ ହୋଇଥିଲା। ତେବେ ଚଳିତ ନିର୍ବାଚନରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ସାମାନ୍ୟ କମ୍ ପ୍ରତିଶତ ଭୋଟଦାନ ହୋଇଥିବାବେଳେ ମୋହନା ବିଧାନସଭା କ୍ଷେତ୍ରରେ ଏହା ଅଧିକ ରହିଛି।

# କଡ଼ା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍

ପାରଳାଖେମୁଣ୍ଡି, ୧୨।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଉଭୟ ପାରଳାଖେମୁଣ୍ଡି ଓ ମୋହନା ନିର୍ବାଚନମଣ୍ଡଳୀର ଇଭିଏମ୍‌ଗୁଡିକୁ ଷ୍ଟ୍ରଙ୍ଗରୁମ୍‌ରେ ସିଲ୍ କରିଦିଆଯାଇଛି। ରିଟର୍ନିଂ ଅଧିକାରୀ ତଥା ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କ ଉପସ୍ଥିତିରେ ଇଭିଏମ୍‌ଗୁଡ଼ିକୁ ରଖାଯାଇଥିଲା। ଜଉମୁଦ ସମୟରେ ଉଭୟ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଷ୍ଟ୍ରଙ୍ଗରୁମ୍‌ରେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କେ.ନାରାୟଣ ରାଓ, କଂଗ୍ରେସ ପ୍ରତିନିଧି ବସନ୍ତ ପଣ୍ଡା, ବିଜେଡି ପ୍ରତିନିଧି ସୁରେଶ ମାଝି, ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଦାଶରଥୀ ଗମାଙ୍ଗ, ବିଜେଡିର ପୂର୍ଣ୍ଣବାସୀ ନାୟକ, ଭାଜପାର ପ୍ରଶାନ୍ତ ମଲ୍ଲିକ ପ୍ରମୁଖଙ୍କ ସହ ଅନ୍ୟ ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଷ୍ଟ୍ରଙ୍ଗ ରୁମ୍ ବାହାରେ ରିଟର୍ନିଂ ଅଧିକାରୀ, ବିଧାୟକ ପ୍ରାର୍ଥୀ ଓ ଅନ୍ୟମାନେ।




## ସଂକ୍ଷେପରେ

### ଦୁଷ୍ମନ୍ତ ହେଲେ ନିରନ୍ତର ଲୋକ ଅଦାଲତ ସଦସ୍ୟ



ରାୟଗଡା ଅଫିସ୍, ୧୨।୪: ରାୟଗଡା ସହରର ଅବସରପ୍ରାପ୍ତ ପ୍ରାଧାପକ ତଥା ଶିକ୍ଷାବିତ୍ ଡା. ଦୁଷ୍ମନ୍ତ କୁମାର ମହାନ୍ତି ରାୟଗଡା ଜିଲା ନିରନ୍ତର ଲୋକ ଅଦାଲତର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ତାଙ୍କର କର୍ମମୟ ଜୀବନ ଓ ସମାଜ ସେବାକୁ ପାଥେୟକରି ଚୟନ କମିଟି ଦ୍ୱାରା ମନୋନୀତ ହୋଇ ଓଡ଼ିଶା ସରକାରଙ୍କ ଆଇନ୍ ବିଭାଗ ଦ୍ୱାରା ସ୍ୱୀକୃତି ଲାଭ କରିଛନ୍ତି। ଏହାପୂର୍ବରୁ ଡା. ମହାନ୍ତି ଓଡ଼ିଶାର ବିଭିନ୍ନ କଲେଜରେ ଦୀର୍ଘ ୩୭ବର୍ଷ ଧରି ଅଧ୍ୟାପନା କରିଥିଲେ । ରାୟଗଡା ନାଗାବଳୀ ଲାୟନ୍ସ କ୍ଲବ୍‌ର ପ୍ରତିଷ୍ଠାତା ସଭାପତି, ସମାଜ ରିଲଫ କମିଟିର ସକ୍ରିୟ ସଦସ୍ୟ, ଜିଲା ସଂସ୍କୃତି ପରିଷଦର ସମ୍ପାଦକ ଭାବରେ ସୁଚାରୁ ରୂପେ ବିଭିନ୍ନ ଜନହିତକର କାର୍ଯ୍ୟ କରିଛନ୍ତି । ଆସନ୍ତା ୨୦ ତାରିଖରେ ସେ କାର୍ଯ୍ୟରେ ଯୋଗ ଦେବେ । ନିରନ୍ତର ଲୋକ ଅଦାଲତ ଦ୍ୱାରା ଖାଉଟିମାନେ ଶୀଘ୍ର ନ୍ୟାୟ ପାଇପାରିବେ। ଏଥିପାଇଁ ଡା. ମହାନ୍ତିଙ୍କୁ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ଅଭିନନ୍ଦନ ଜଣାଇଛନ୍ତି ।

### ୫୫ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ, ୧୨।୪- ଗୋଛାପଡା ଥାନା ନେଡିସୁଗା ଗ୍ରାମରେ ଫୁଲବାଣୀ ଅବକାରୀ ବିଭାଗ ଚଢାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ୫୫ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ସରୋଜ କୁମାର କହଁରଙ୍କୁ ଗିରଫ କରାଯାଇଛି । ମିଳିଥିବା ସୁଚନା ଅନୁସାରେ, ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଏହି ଚଢ଼ାଉ କରିଥିଲା । ତଲାସି ବେଳେ ସରୋଜଙ୍କ ଘରୁ ୩ଟି ବସ୍ତାରେ ଥିବା ଗଞ୍ଜେଇ ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ପ୍ରବୀଣ କୁମାର ପ୍ରଧାନ ସୁଚନା ଦେଇଛନ୍ତି । ନଂ. ୨/୧୯ରେ ମାମଲା ରୁଜୁ କରାଯାଇଛି ।

### ହତ୍ୟା ଅଭିଯୁକ୍ତଙ୍କୁ ଉଠାଇ ନେଲା ଝାଡ଼ଖଣ୍ଡ ପୋଲିସ

ଦିଗପହଣ୍ଡି,୧୨।୪(ଡି.ଏନ.ଏ.): ଦିଗପହଣ୍ଡି ପୋଲିସ ସହାୟତାରେ ଝାଡ଼ଖଣ୍ଡ ପୋଲିସ ଶୁକ୍ରବାର ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଗଡ଼ୱାହା ଜିଲା ବେଲହାର ଗ୍ରାମର ଅରୁଣ ଦୁବେ। ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଡଙ୍କାରି ଗ୍ରାମ କ୍ରସର ୟୁନିଟରେ ଦୀର୍ଘଦିନ ହେଲା କାମ କରୁଥିବା ଅଣ ଓଡ଼ିଆ ଯୁବକ ଅରୁଣଙ୍କ ଝାଡ଼ଖଣ୍ଡ ପୋଲିସ ମୋବାଇଲ ଫୋନ ଟ୍ରାକିଂ କରିଥିଲା। ସେ ଦିଗପହଣ୍ଡି ଅଞ୍ଚଳରେ ରହୁଥିବା ଜଣାପଡ଼ିଥିଲା। ଶୁକ୍ରବାର ଝାଡ଼ଖଣ୍ଡର ଗଡ଼ୱାହା ଥାନାର ୪ ଜଣ ପୋଲିସ କର୍ମଚାରୀ ଦିଗପହଣ୍ଡିରେ ପହଞ୍ଚିଥିଲେ। ସ୍ଥାନୀୟ ପୋଲିସ ସହାୟତାରେ ଭୋର ପ୍ରାୟ ୫ଟାରେ ଡଙ୍କାରି କ୍ରସର ୟୁନିଟ ଉପରେ ଚଢ଼ାଉ କରାଯାଇଥିଲା। ପୋଲିସକୁ ଦେଖି ଖସି ପଳାଉଥିବା ଅରୁଣ ଧରା ପଡ଼ିଥିଲେ । ଝାଡ଼ଖଣ୍ଡ ଗଡ଼ୱାହା ଜିଲା ଜଜ୍ କୋର୍ଟ ମାମଲା ନଂ. ଜିଆର ୧୦୯୧/୧୮ ଅନୁଯାୟୀ ପୋଲିସ ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟଚାଲାଣ କରିଥିଲା। ଝାଡ଼ଖଣ୍ଡ ପୋଲିସର ଟ୍ରାନଜିଟ୍ ରିମାଣ୍ଡ ଆବେଦନକୁ ମାଜିଷ୍ଟ୍ରେଟ ମଞ୍ଜୁର କରିଥିବା ଜଣାପଡ଼ିଛି ।

# କଡ଼ା ସୁରକ୍ଷାରେ ରହିଲା ଇଭିଏମ୍

ରାୟଗଡା ଅଫିସ୍, ୧୨।୪

ରାୟଗଡ଼ା ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ରାୟଗଡା ନିର୍ବାଚନମଣ୍ଡଳୀରେ ବ୍ୟବହାର ହୋଇଥିବା ଇଭିଏମ୍ ଓ ଭିଭିପିଏଟିକୁ କଡା ସୁରକ୍ଷାବଳୟରେ ସ୍ଥାନୀୟ ଜିସିଡି ଉଚ୍ଚ ବିଦ୍ୟାଳୟରେ ଥିବା ଷ୍ଟ୍ରଙ୍ଗରୁମ୍‌ରେ ସିଲ୍ କରି ରଖାଯାଇଛି । ରାୟଗଡା ନିର୍ବାଚନ ମଣ୍ଡଳୀରେ ରାୟଗଡା ଓ କାଶୀପୁର ବ୍ଲକ୍‌ରେ ୨୯୮ଟି ବୁଥ୍‌ରେ ମୋଟ ୫୯୬ଟି ଇଭିଏମ୍ ଓ ଭିଭିପିଏଟି ବ୍ୟବହାର ହୋଇଥିଲା । ମତଦାନ ପରେ ଏହି ମେଶିନକୁ ଯବାନ୍‌ଙ୍କ କଡା ସୁରକ୍ଷାରେ ଅଣାଯାଇଥିଲା । ରାୟଗଡା ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସମସ୍ତ ଇଭିଏମ୍ ଓ ଭିଭିପିଏଟିକୁ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇ ସିଲ୍ କରାଯାଇଛି । ଷ୍ଟ୍ରଙ୍ଗରୁମ୍‌କୁ ଡବଲ କର୍ଡନ ସୁରକ୍ଷାବଳୟର ବ୍ୟବସ୍ଥା କରାଯାଇଛି। ଷ୍ଟ୍ରଙ୍ଗରୁମ୍‌ର ପ୍ରଥମ କର୍ଡନରେ ଜିଲା ପୋଲିସର ଯବାନ୍‌ମାନଙ୍କୁ ନିୟୋଜିତ କରାଯାଇଥିବା ବେଳେ ଦ୍ୱିତୀୟ କର୍ଡନରେ ବିଏସ୍‌ଏଫ୍‌କୁ ମୁତୟନ କରାଯାଇଛି। ଷ୍ଟ୍ରଙ୍ଗରୁମ୍‌ର ଚାରିପାଖରେ ସିସିଟିଭି ଖଞ୍ଜାଯାଇଛି ।



ଷ୍ଟ୍ରଙ୍ଗରୁମକୁ ସିଲ କରାଯାଉଛି ।

■ ଗୁଣପୁର,ବିଷମକଟକ ନିର୍ବାଚନମଣ୍ଡଳୀ

# ବଢ଼ିଛି ଭୋଟର ସଂଖ୍ୟା, କମିଛି ମତଦାନ ହାର

ଗୁଣପୁର,୧୨।୪(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଏବଂ ବିଷମକଟକ ନିର୍ବାଚନମଣ୍ଡଳୀ ପାଇଁ ଗୁରୁବାର ମତଦାନ ଅନୁଷ୍ଠିତ ହୋଇଥିଲା । ଏଥିଲାଗି ଗୁଣପୁର ନିର୍ବାଚନ ଅଧିକାରୀ ଭାବେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଏବଂ ନିର୍ବାଚନର ବରିଷ୍ଠ ଅଧିକାରୀ ଭାବେ ପିଡି ଡିଆରଡିଏ ଅମ୍ରିତ ଋତୁରାଜ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ । କେତେକ ସ୍ଥାନରେ ଇଭିଏମରେ ତ୍ରୁଟି ସହ ମତଦାନ କେନ୍ଦ୍ରର ଦୂରତାକୁ ନେଇ କାଁ ଭାଁ ଅସନ୍ତୋଷ ଦେଖାଦେଇଥିଲା । ଦେଖିବାକୁ ଗଲେ ମୋଟାମୋଟି ଭାବେ ଭୋଟ ଗ୍ରହଣ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା । ଚଳିତଥର ଭୋଟରଙ୍କ ସଂଖ୍ୟା ବଢିଥିଲେ ମଧ୍ୟ ମତଦାନ ହାର କମିଥିବା ଜଣାଯାଇଛି।

ଗୁଣପୁରର ୨,୧୦,୩୯୦ ଭୋଟରଙ୍କ ମଧ୍ୟରୁ ୧,୪୯,୫୫୪ ଜଣ ମତଦାନ କରିଥିଲେ । ସେହିପରି ବିଷମକଟକ ନିର୍ବାଚନମଣ୍ଡଳୀରେ ୨,୧୯,୮୩୯ ଭୋଟରଙ୍କ ମଧ୍ୟରୁ ୧,୭୩,୭୩୪ ଜଣ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ଗୁଣପୁରରେ ୭୧.୦୮ ଏବଂ ବିଷମକଟକରେ ୭୯.୦୩ ଶତକଡା ମତଦାନ ହୋଇଥିଲା । ସମସ୍ତ ଇଭିଏମ ବାକ୍ସଗୁଡିକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି । ଗତ ସାଧାରଣ ନିର୍ବାଚନରେ ଗୁଣପୁର ନିର୍ବାଚନମଣ୍ଡଳୀରେ ୧,୯୩,୫୩୭ ଭୋଟରଙ୍କ ମଧ୍ୟରୁ ୧,୪୨,୯୧୫ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଥିଲେ । ୭୪.୫୧ ପ୍ରତିଶତ ମତଦାନ ହୋଇଥିଲା । ସେହିପରି ବିଷମକଟକ ନିର୍ବାଚନମଣ୍ଡଳୀର ୨,୦୩,୮୯୯ ଭୋଟରଙ୍କ ମଧ୍ୟରୁ ୧,୬୫,୨୭୮ ଜଣ ଭୋଟ ଦେଇଥିଲେ । ଏଠାରେ ୮୦.୩୫ ପ୍ରତିଶତ ମତଦାନ ହୋଇଥିଲା । ତେବେ ୨୦୧୪ ଏବଂ ୨୦୧୯ର ସାଧାରଣ ନିର୍ବାଚନର ମତଦାନ ହାରକୁ ସମୀକ୍ଷା କରାଗଲେ ଚଳିତ ଥର ଉଭୟ ଗୁଣପୁର ଏବଂ ବିଷମକଟକ ନିର୍ବାଚନମଣ୍ଡଳୀ ପାଇଁ ମତଦାନ ହାର କମିଛି । ଭୋଟର ସଂଖ୍ୟା ବଢିଥିଲେ ମଧ୍ୟ ମତଦାନ ହାର କମିଥିବା ଜଣାଯାଇଛି।

# ଦକ୍ଷିଣାଞ୍ଚଳ ପିପିଙ୍କର ସମୀକ୍ଷା ବୈଠକ

ବ୍ରହ୍ମପୁର ଅଫିସ,୧୨।୪

ଦକ୍ଷିଣାଞ୍ଚଳ ଡେପୁଟି ଡ଼ାଇରେକ୍ଟର ଅଫ୍ ପବ୍ଲିକ୍ ପ୍ରୋସିକ୍ୟୁଟର (ଡିଡିପିପି) ଜମ୍ନେଶ୍ୱର ମିଶ୍ରଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ୩ ଜଣ କ୍ୟାଡର ପିପିଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମର ପବ୍ଲିକ୍ ପ୍ରୋସିକ୍ୟୁଟର ଅଜିତ କୁମାର ପଟ୍ଟନାୟକ, ରାୟଗଡ଼ା ପିପି ଅଜିତ ପଟ୍ଟନାୟକ ଓ କୋରାପୁଟ ପିପି ଶୈଳଜା ପଟ୍ଟନାୟକ ଯୋଗ ଦେଇଥିଲେ। ଡିଡିପିପି ଜମ୍ନେଶ୍ୱର ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ମାମଲାଗୁଡ଼ିକର ରହିତାଦେଶ ହାଇକୋର୍ଟରୁ ଅଣାଯାଇ ତାହା ଦୀର୍ଘଦିନ ଧରି ପରିଚାଳନା ନ ହୋଇ ପଡ଼ି ରହୁଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିଭିଲ ମାମଲା ଓ କ୍ରିମିନାଲ ମାମଲାଗୁଡ଼ିକ ଉପରେ ରହିତାଦେଶର ୬ ମାସ ପରେ ପୁଣିଥରେ ଏହି ମାମଲାଗୁଡ଼ିକର ପରିଚାଳନା ଆରମ୍ଭ କରାଯାଇପାରିବ ବୋଲି ମିଶ୍ର କହିଥିଲେ। ସେହିପରି କୋର୍ଟରେ ଦୀର୍ଘଦିନ ଧରି ପଡ଼ି ରହିଥିବା ସମ୍ବେଦନଶୀଳ ମାମଲାଗୁଡ଼ିକ ଚିହ୍ନଟ କରି ତା'ର ଠିକ୍ ପରିଚାଳନା କିପରି କରାଯାଇପାରିବ ଏବଂ ଏନ୍‌ଡିପିଏସ୍ ମାମଲାଗୁଡ଼ିକର ବିଚାର ବେଳେ ପିପିମାନେ କିପରି ଧ୍ୟାନ ଦେବେ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବିଶେଷକରି କୋର୍ଟରେ ଥିବା ମାମଲାଗୁଡ଼ିକର ଦଣ୍ଡବିଧାନ ହାର କିପରି ବୃଦ୍ଧି ପାଇବ ସେଥିପାଇଁ ବିଶେଷ ଧ୍ୟାନ ଦେବାକୁ ଜମ୍ନେଶ୍ୱର କ୍ୟାଡର ପିପିମାନଙ୍କୁ ପରାମର୍ଶ ଦେଇଥିଲେ। ନାବାଳିକା ଓ ମହିଳାଙ୍କ ପ୍ରତି ହେଉଥିବା ବଳାତ୍କାର ମାମଲା ଗୁଡ଼ିକର ଠିକ୍ ପରିଚାଳନା ସହ ଏହାର ସାକ୍ଷୀମାନଙ୍କୁ ସୁରକ୍ଷା ଦେବା ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ହତ୍ୟା, ଡ଼କାୟତି, ସାଇବର କ୍ରାଇମ, ବ୍ୟାଙ୍କ ଅପରାଧ, ବନ୍ୟଜନ୍ତୁ ସମ୍ପର୍କିତ ଅପରାଧ ମାମଲାଗୁଡ଼ିକୁ ଏବେ ଅରେଞ୍ଜ ଫ୍ଲାଗ୍ ମାମଲା ଭାବେ ବିଚାର କରାଯାଉଛି। ଏହି ମାମଲାଗୁଡ଼ିକର ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜଶିଟ୍ ଦାଖଲ ପୂର୍ବରୁ କ୍ୟାଡର ପିପିମାନଙ୍କର କିପରି ସହାୟତା ନେବେ ସେ ନେଇ ଆଲୋଚନା ହୋଇଥିଲା।

## ଅଗ୍ନିବିପନ୍ନଙ୍କୁ ବିଧାୟକ ପ୍ରାର୍ଥୀଙ୍କ ସାହାଯ୍ୟ



ଅଗ୍ନିବିପନ୍ନଙ୍କୁ ବିଧାୟକ ପ୍ରାର୍ଥୀ ସହାୟତା ପ୍ରଦାନ କରୁଛନ୍ତି ।

ଗୁଡ଼ାରୀ,୧୨।୪(ଡ଼ି.ଏନ.ଏ)

କଦମା ପଞ୍ଚାୟତ ଖାରିକୁଟି ଗ୍ରାମରେ ଗତ ୧୦ ତାରିଖରେ ଅଗ୍ନିକାଣ୍ଡରେ ଦୁଇ ପରିବାରର ଦୁଇ ବଖରା ପୋଡ଼ି ପାଉଁଶ ହୋଇ ଯାଇଥିଲା । ଫଳରେ ସେମାନେ ବହୁ ଅସୁବିଧାର ଭୋଗୁଥିଲେ । ଶୁକ୍ରବାର ବିଜେଡ଼ି ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଅଗ୍ନିବିପନ୍ନ ଦୁଇ ପରିବାରକୁ ଭେଟି ଚାଉଳ,ଲୁଗାପଟା ପ୍ରଦାନ କରିଛନ୍ତି । ଏହି ସମୟରେ ସୁବାସ ଗୌଡ଼,ସନ୍ତୋଷ ମହାନ୍ତି, କେଦାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବାପ ପୁଅଙ୍କ ଆକ୍ରମଣରେ ବୃଦ୍ଧ ମୃତ, ୨ ଅଟକ

ବୁଗୁଡ଼ା,୧୨।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମରେ ଗୁରୁବାର ରାତି ପ୍ରାୟ ୯ଟାରେ ବାପ ଓ ପୁଅଙ୍କ ଆକ୍ରମଣରେ ପଡ଼ୋଶୀ ଘରର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଶୀନାଥ ସେଠୀ (୭୦)। ମୃତକଙ୍କ ପୁଅ ବାବୁଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ଥାନାରେ ନଂ. ୬୪/୧୯ରେ ଏକ ମାମଲା ରୁଜୁ ହୋଇଛି। ଆକ୍ରମଣକାରୀ ବାପ ଓ ପୁଅଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। କାଶୀନାଥ ଓ ପଡ଼ୋଶୀ ଘର ମଧ୍ୟରେ ପୂର୍ବରୁ ବିଭିନ୍ନ କାରଣକୁ ନେଇ ଗଣ୍ଡଗୋଳ ହେଉଥିଲା। ଗୁରୁବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ଉଭୟ ପଡ଼ୋଶୀ ପରିବାର ମଧ୍ୟରେ ପୁଣି ଗାଳିଗୁଲଜ ସହ ଗଣ୍ଡଗୋଳ ହୋଇଥିଲା। ଏ ନେଇ ପଡ଼ୋଶୀ ଘରର ବାପ ଓ ପୁଅ ମିଶି ହଠାତ୍ କାଶୀନାଥଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ କାଶୀନାଥଙ୍କୁ ପରିବାର ଲୋକେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରୋଗୀ କଲ୍ୟାଣ ସମିତି ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଜଗନ୍ନାଥପ୍ରସାଦି,୧୨।୪(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ କର୍ମୀ ସମେତ ଡାକ୍ତର ଅଶୋକ କୁମାର ସାବତଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଯୁବତୀ ଯୁବକ ଏହି ଅଭିଯାନରେ ସାମିଲ ହୋଇଥିଲେ। ମେଡିକାଲ ପରିସର ଚତୁଃପାର୍ଶ୍ୱକୁ ସମସ୍ତେ ପରିସ୍କାର ରଖିବାରେ ଗୁରୁତ୍ୱ ଦେବାକୁ ଶପଥ ନେଇଥିଲେ।

# ସିକନ୍ଦରାବାଦରୁ ଫେରିଲେ ନିର୍ଯାତିତ ୩ ଦାଦନ ଶ୍ରମିକ



ଗାଁକୁ ଫେରିଥିବା ୩ ଦାଦନ ଶ୍ରମିକ ।

ଜେକେପୁର,୧୨।୪(ଡ଼ି.ଏନ.ଏ)

ସିକନ୍ଦରାବାଦରୁ ନିର୍ଯାତିତ ହୋଇ ୩ ଜଣ ଦାଦନ ଶ୍ରମିକ ଏବେ ନିଜ ଘରକୁ ଫେରିଛନ୍ତି । ଦୀର୍ଘ ୨ ମାସ ହେଲା ସେମାନଙ୍କ ଫେରିବା ବାଟକୁ ଚାହିଁ ରହିଥିବା ପରିବାର ଲୋକେ ଏବେ ଆଶ୍ୱସ୍ତି ହୋଇଛନ୍ତି ।

କୋଲନରା ବ୍ଲକ ସୂରୀ ପଞ୍ଚାୟତ ଚିନ୍ତାଲିଗୁଡା ଗ୍ରାମର ରାମ ହୁଇକା,ବଡପଦିଆ ଗ୍ରାମର ଲାଛନା ବିଡିକା ଓ ଜିତୁ ଉଲାକା ପିତାମହଲ ଅଞ୍ଚଳର ଜଣେ ଦଲାଲଙ୍କ ମାଧ୍ୟମରେ ଦାଦନ ଖଟିବାକୁ ସିକନ୍ଦରବାଦ ଯାଇଥିଲେ। ସେଠାରେ ସେମାନଙ୍କୁ ନିର୍ଯାତନା ଦିଆଯିବାରୁ ସେମାନେ ନିଖୋଜ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବରପ୍ରକାଶ ପାଇଥିଲା । ଏହାକୁ ନେଇ ଜିଲାରେ ଆଲୋଡନ ସୃଷ୍ଟି କରିଥିଲା। ପରେ ଶ୍ରମ ବିଭାଗ ତତ୍ପର ହୋଇଉଠିଥିଲା । ସେମାନଙ୍କୁ ଗାଁକୁ ଫେରାଇ ଆଣିବାକୁ ଶ୍ରମ ବିଭାଗ ଉକ୍ତ ଦଲାଲଙ୍କୁ କହିଥିଲା। ଏବେ ସେମାନେ ନିଜ ଗାଁକୁ ଫେରିଛନ୍ତି। ଘରକୁ ଫେରିଥିବା ରାମଙ୍କ କହିବାନୁଯାୟୀ, ଦଲାଲ ଜଣକ ଅର୍ଥର ପ୍ରଲୋଭନ ଦେଖାଇ ସେମାନଙ୍କୁ ପ୍ରଥମେ ଖଲ୍ଲିକୋଟର ଜନୈକ ରେଳବାଇ ଠିକାଦାରଙ୍କ ପାଖକୁ ନେଇଥିଲେ। ସେଠାରୁ ଭୁବନେଶ୍ୱର ନେବାକୁ କହି ଠିକାଦାରଙ୍କ ଲୋକମାନେ ସିକନ୍ଦରାବାଦ ନେଇ ଯାଇଥିଲେ। ସେଠାରେ ରେଳ ଧାରଣା ସ୍ଲିପର ତିଆରି କାମରେ ନିୟୋଜିତ କରାଯାଇଥିଲା। ଅତି ଅସୁରକ୍ଷିତ ଭାବେ ଓଜନଦାର ସ୍ଲିପରଗୁଡିକର ଛାଞ୍ଚ ତିଆରି, ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ବୋହି ନେବା ଭଳି କାମରେ ଲଗାଉଥିଲେ । କାମ ସମୟରେ ଲୋକଙ୍କ ହାତଗୋଡ କଟି ଯାଉଥିବା ଦେଖି ଏମାନେ ଭୟଭୀତ ହୋଇଯାଇଥିଲେ । ହାଡଭଙ୍ଗା ପରିଶ୍ରମ ବଦଳରେ ଦିନକୁ ମିଳୁଥିଲା ମାତ୍ର ଶହେ ଟଙ୍କା ମଜୁରି। ଘର ଲୋକଙ୍କ ସହ ଫୋନରେ କଥା ହେବାକୁ ବାରଣ କରୁଥିଲେ । ଗୋଟିଏ ମାଲଗୋଦାମ ଭିତରେ ବନ୍ଦ କରି ସେମାନଙ୍କୁ ରଖାଯାଉଥିଲା ବୋଲି ରାମ କହିଛନ୍ତି । ଏହି ଘଟଣା ପରେ ଏଥିରେ ସମ୍ପୃକ୍ତ ନିରଞ୍ଜନ କଣ୍ଡାଗରି ଫେରାର୍ ଥିଲେ। ତେବେ ସେ ନିର୍ଦ୍ଦୋଷ ବୋଲି ଗାଁକୁ ଫେରିଥିବା ତିନିଜଣ ଶ୍ରମିକ କହିଛନ୍ତି। ଏନେଇ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କୁ ପଚାରିବାରୁ, ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଥିସହ ଶ୍ରମିକମାନଙ୍କ କିଛି ମଜୁରି ବକେୟା ଥିଲେ ଅନୁସନ୍ଧାନ କରି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ସୁହାଇଲାନି ପାଗ, ଆସିଲେନି ଅଲିଭ୍‌ରିଡ୍‌ଲେ

ବ୍ରହ୍ମପୁର ଅଫିସ୍,୧୨।୪

ଚଳିତବର୍ଷ ଗଞ୍ଜାମ ଉପକୂଳକୁ ଅଣ୍ଡାଦେବାକୁ ଆସିଲେନି ଅଲିଭ୍ ରିଡଲେ କଇଁଛ । ଫେବୃୟାରୀ ଶେଷ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହରେ ଏମାନଙ୍କ ଆଗମନ ହେବ ବୋଲି ଆଶା କରାଯାଉଥିଲା। ଏବେ ଏପ୍ରିଲ୍ ଦ୍ୱିତୀୟ ସପ୍ତାହ ଚାଲିଛି। କିନ୍ତୁ ଏବେ ଯାଏ ଗଣଅଣ୍ଡାଦାନ ପାଇଁ ଆସିନାହାନ୍ତି ଅଲିଭ୍ ରିଡ୍‌ଲେ କଇଁଛ । ତଥାପି ଆଶା ହରାଇନି ବନ ବିଭାଗ। ସ୍ୱାଗତ ପାଇଁ ବ୍ୟାପକ ପ୍ରସ୍ତୁତି ଦେଖିବାକୁ ମିଳିଛି । କାହିଁକି ଚଳିତ ବର୍ଷ ଗଞ୍ଜାମ ଉପକୂଳରୁ ମୁହଁ ଫେରାଇ ନେଲେ ବିଦେଶୀ ଅତିଥି, ଏହାକୁ ନେଇ ନାନା କଳ୍ପନାଜଳ୍ପନା ଚାଲିଛି। କିନ୍ତୁ ପ୍ରତିକୂଳ ପାଗକୁ ଏଥି ପାଇଁ ଦୋଷ ଦିଆଯାଉଛି ।

ନଭେମ୍ବର ଏବଂ ଡିସେମ୍ବରରେ ଅଲିଭ ରିଡ୍‌ଲେ କଇଁଛଗୁଡିକ ଶ୍ରୀଲଙ୍କାରୁ ଗଞ୍ଜାମ ଉପକୂଳକୁ ଆସିଥାନ୍ତି। ଏହି ସମୟରେ ସମୁଦ୍ର ଭିତରେ ସେମାନଙ୍କ ସମୂହ ମିଳନ ହୋଇଥାଏ। ମିଳନ ପରେ ଉପକୂଳକୁ ଅଣ୍ଡଦାନ ପାଇଁ ଆସିଥାନ୍ତି। ଏହି ଅଣ୍ଡାଦାନ ପ୍ରକ୍ରିୟାର ସମୟ ପ୍ରତିବର୍ଷ ବଦଳି ଥାଏ। କେଉଁ ବର୍ଷ ଫେବୃୟାରୀ ତ ପୁଣି ଆଉ କେଉଁ ବର୍ଷ ମାର୍ଚ୍ଚରେ ଗଣ ଅଣ୍ଡାଦାନ ହୋଇଥିବା ଦେଖିବାକୁ ମିଳେ। ୨୦୧୮ ଫେବୃୟାରୀ ଶେଷ ସପ୍ତାହରେ ଗଣ ଅଣ୍ଡାଦାନ ହୋଇଥିଲା। ରେକର୍ଡ଼ ସଂଖ୍ୟକ ସାଢ଼େ ୪ଲକ୍ଷରୁ ଅଧିକ କଇଁଛ ଅଣ୍ଡା ଦେଇଥିଲେ । ଗତ ବର୍ଷର ରେକର୍ଡ଼କୁ ଦେଖି ଉତ୍ସାହିତ ହୋଇଥିଲା ବନ ବିଭାଗ। ଚଳିତ ବର୍ଷ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ମୋଟ ପ୍ରାୟ ୮କି.ମି. ଉପକୂଳରେ ତାର ଜାଲ ଭିଡ଼ିବାଠାରୁ ସିସିଟିଭି କ୍ୟାମେରା ଖଞ୍ଜିବା, ସୁରକ୍ଷା ପାଇଁ ବ୍ୟାପକ ଫୋର୍ସ ମୁତୟନ, ପର୍ଯ୍ୟଟକଙ୍କ ପାଇଁ ଅତ୍ୟାଧୁନିକ ସୁବିଧା, ପ୍ରଦର୍ଶନୀ କେନ୍ଦ୍ର ଏବଂ ଅଲିଭ୍ ରିଡ୍‌ଲେଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ଅନେକ ପଦକ୍ଷେପ ହାତକୁ ନିଆଯାଇଥିଲା। ଏଥର ମଧ୍ୟ ଫେବୃୟାରୀ ଶେଷ ସପ୍ତାହରେ ଅଣ୍ଡାଦାନ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଫେବୃୟାରୀ ସରି ମାର୍ଚ୍ଚ ଶେଷ ହୋଇଗଲା। ହେଲେ ଅଲିଭ୍ ରିଡ୍‌ଲେ ଆସିଲେ ନାହିଁ, କାଁ ଭାଁ ଅଣ୍ଡାଦାନ ହୋଇଛି । ମାର୍ଚ୍ଚ ପ୍ରଥମ ସପ୍ତାହରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୨୨୯୭ କଇଁଛ ଅଣ୍ଡା ଦେଇଛନ୍ତି। କଇଁଛ ନ ଆସିବା ସତ୍ତ୍ୱେ ଆଶା ହରାଇ ନାହିଁ ବନ ବିଭାଗ। ଚଳିତ ବର୍ଷ କଇଁଛଗୁଡିକ ନ ଆସିବା ପଛରେ ଖରାପ ପାଗ ମୁଖ୍ୟ କାରଣ ବୋଲି କୁହନ୍ତି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ ବେହେରା। ତାଙ୍କ କହିବାନୁଯାୟୀ, ଫେବୃୟାରୀ ଏବଂ ମାର୍ଚ୍ଚରେ ନିୟମିତ ବ୍ୟବଧାନରେ ବର୍ଷା ହେଲା। ଫଳରେ ଉପକୂଳର ବାଲି ଓଦା ହୋଇ ଟାଣ ହୋଇଗଲା। ବାଲି ଶୁଖିଲା ଥିଲେ ଗାତ ଖୋଳିବା ସହଜ । ହେଲେ ଟାଣ ବାଲି ଟାଣ ହୋଇଯିବା ଯୋଗୁ ଅଣ୍ଡା ରଖିବା ପାଇଁ ଗାତ ଖୋଳିବା ଗର୍ଭସ୍ଥ କଇଁଛଙ୍କ ପକ୍ଷେ ସମ୍ଭବ ନୁହଁ । ଏପରିକି ଓଦା ବାଲି ଭିତରେ ଅଣ୍ଡା ରଖିଲେ ମଧ୍ୟ ଫିମ୍ପିଲାଗି ନଷ୍ଟ ହୋଇଯାଇଥାଏ। ସେହିଭଳି ପାଗ ଅଧିକାଂଶ ମେଘୁଆ ରହିଲା। ଯାହା କଇଁଛଙ୍କ ଆଗମନରେ ପ୍ରତିବନ୍ଧକ ସାଜିଥିଲା। ତେବେ ପୂର୍ବରୁ ତିନି ଥର ଦେଖାଦେଇଛି, ଏପ୍ରିଲ୍ ମଧ୍ୟଭାଗ ଆଡ଼କୁ ଅଲିଭ୍ ରିଡ୍‌ଲେଗୁଡିକ ଅଣ୍ଡା ଦେବାକୁ ଆସିଛନ୍ତି। ଗତ ବର୍ଷ ଫେବୃୟାରୀ ପରେ ଏପ୍ରିଲ୍‌ରେ ଦ୍ୱିତୀୟ ଦଫା ଅଣ୍ଡାଦାନ ହୋଇଥିଲା। ବର୍ତ୍ତମାନ ଏପ୍ରିଲ୍ ଚାଲିଥିବା ଯୋଗୁ କଇଁଛଗୁଡିକ ଅଣ୍ଡାଦେବାକୁ ଆସିପାରନ୍ତି ବୋଲି ଆଶା କରାଯାଉଛି। ବନ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସେ ପ୍ରକାଶ କରିଛନ୍ତି।



ରଷିକୁଲ୍ୟା ମୁହାଣରେ ପର୍ଯ୍ୟଟକଙ୍କ ପାଇଁ ୭ପ୍ରକାରର ଅଲିଭ୍ ରିଡ୍‌ଲେ କଇଁଛ ପ୍ରତିକୃତି ପ୍ରସ୍ତୁତ କରାଯାଇଛି।

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୧୩ ଏପ୍ରିଲ, ୨୦୧୯



ହଁ କରିନି, କରିବି କହି ଯେଉଁ ଲୋକ ସମୟ ଗଡ଼ାଇ ଦିଏ ଶେଷରେ ସେ କୌଣସି କାମ କରିପାରେ ନାହିଁ।
-ଜନ୍ ଭଷ୍ଟର



## ସଂକ୍ଷେପରେ

### ଜୟପୁରରୁ ହାଇଦ୍ରାବାଦ ବସ୍‌ସେବା ଆରମ୍ଭ



ଜୟପୁର,୧୨।୪(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁରରୁ ତେଲେଙ୍ଗାନା ରାଜ୍ୟର ରାଜଧାନୀ ହାଇଦ୍ରାବାଦକୁ ଘରୋଇ ବସ୍ ସେବା ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି । ଏହି ଅବସରରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସ୍ଥାନୀୟ କଣ୍ଡରା ସାହି ଛକ ଟିକଟ କାଉଣ୍ଟର ନିକଟରେ ଏହାର ଶୁଭାରମ୍ଭ କରିଥିଲେ । ଗାଲାକ୍ସି ଘରୋଇ ବସ୍ ଅପରାହ୍ନ ୨ଟାରୁ ଜୟପୁରରୁ ବାହାରି ମାଥିଲି, ମାଲକାନଗିରି, ପଡିଆ, ଭଦ୍ରାଞ୍ଚଳମ, ଖମାମ, ସୂର୍ଯ୍ୟପେଟ ସହର ଦେଇ ପରଦିନ ପୂର୍ବାହ୍ନ ୬ଟାରେ ହାଇଦ୍ରାବାଦରେ ପହଞ୍ଚିବ। ପୁଣି ସେହିଦିନ ଅପରାହ୍ନ ୪ଟାରୁ ହାଇଦ୍ରାବାଦରୁ ବାହାରି ପରଦିନ ଜୟପୁରଠାରେ ପୂର୍ବାହ୍ନ ୮ଟାରେ ପହଞ୍ଚିବ । ଜୟପୁରରୁ ହାଇଦ୍ରାବାଦ ବସ୍ ସେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଆସୁଥିଲେ। ଏହି ଅବସରରେ ପଣ୍ଡିତ ଗୀତା ପ୍ରକାଶ ମିଶ୍ର, ବସନ୍ତ ବିଶ୍ୱାଳ, ସାନ ଚୌଧୁରୀ ଉପସ୍ଥିତ ଥିଲେ।

### ରାସ୍ତା ନିର୍ମାଣକାରୀ ସଂସ୍ଥାର ମିକ୍ସର ଗାଡ଼ି ଓଲଟି ୨ ଆହତ

ବୈପାରୀଗୁଡ଼ା,୧୨।୪(ଡି.ଏନ୍.ଏ.): ସଂପ୍ରତି ରାଞ୍ଚି-ବିଜୟୱାଡ଼ା ରାସ୍ତା ତିଆରି କାମରେ ନିୟୋଜିତ ଲିଙ୍କନ କନଷ୍ଟ୍ରକ୍ସନ କଂପାନିର ଏକ ମିକ୍ସଚର ମେଶିନ୍ ଗାଡ଼ି ଓଲଟିଯାଇ ଡ୍ରାଇଭର ଓ ହେଲପ୍ର ଗୁରୁତର ହୋଇଛନ୍ତି। ୯ ତାରିଖରେ ଏହା ଘଟିଥିବା ବେଳେ ଶୁକ୍ରବାର ବୈପାରୀଗୁଡ଼ା ଥାନାରେ ଏ ନେଇ ମାମଲା ରୁଜୁ ହୋଇଛି । ପୋଲିସ୍ ସୂତ୍ର ଅନୁଯାୟୀ, ଉକ୍ତ ଗାଡ଼ି (ଓଡି ୩୦ ୨୭୭୨) ବୈପାରୀଗୁଡ଼ା ଥାନା କାଠପଡ଼ା ପଞ୍ଚାୟତର ସିଲିମାଳଠାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସେଥିରେ ଥିବା ଡ୍ରାଇଭର ଶ୍ୟାମ ଖିଲ ଓ ହେଲପର ରାଜେଶ ବିଶୋୟୀ ଆହତ ହୋଇଥିଲେ । ସେମାନଙ୍କୁ ପ୍ରଥମେ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇ ପରେ ଜୟପୁର ଜିଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ବିଗୁଡୁଛି ଟ୍ରାଫିକ୍ ପରିସ୍ଥିତି



ସୁନାବେଡ଼ା,୧୨।୪(ଡି.ଏନ୍.ଏ.): ସୁନାବେଡ଼ାରୁ ବିଶାଖାପାଟଣା ଏବଂ ସୁନାବେଡ଼ାରୁ ମଧ୍ୟପ୍ରଦେଶ ଯିବା ରାଜରାସ୍ତା ଏନ୍‌ଏଚ୍-୨୬ ଏକମାତ୍ର ରାଜରାସ୍ତା। ଏହି ରାସ୍ତାଟି ସବୁଦିନ ପ୍ରବଳରୁ ପ୍ରବଳ ଗାଡ଼ି ଚଳାଚଳ, ମନଇଚ୍ଛା ପାର୍କିଂ ସହ ଟ୍ରାଫିକର ଦୁରାବସ୍ଥା ପ୍ରତିଦିନ ଗାଈ ମଇଁଷିଙ୍କ ସମେତ ପାଦଚଲା ଲୋକ, ସ୍କୁଲ ଛାତ୍ରୀଛାତ୍ର ଏବଂ ବରିଷ୍ଠ ନାଗରିକ ବହୁ ପ୍ରକାର ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣାର ଶିକାର ମଧ ହେଉଛନ୍ତି। ପ୍ରବଳରୁ ପ୍ରବଳ ପ୍ରଦୂଷଣ ସହ ପ୍ରତ୍ୟେକ ଜାଗାରେ ଗାଡ଼ି ଚଳାଇବା କଷ୍ଟସାଧ ହୋଇଯାଇଛି। ଏହାର କୌଣସି ପ୍ରକାରର ସମାଧାନ ପାଇଁ ଚିନ୍ତା କରାଯାଉ ନାହିଁ ଏହା ଏଠାକାର ନିତିଦିନିଆ ଘଟଣା କିନ୍ତୁ ପ୍ରଶାସନ ଅଣଦେଖାରେ ଚାଲିଛି।

■ ଜୟପୁର ୮୧, କୋଟପାଡ଼ରେ ୮୨.୭୪% ଭୋଟିଂ

# ଅଧିକ ମତ ସାବ୍ୟସ୍ତ କରିଛନ୍ତି ମହିଳା

ଜୟପୁର,୧୨।୪(ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲାର ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୧.୦୪ ଏବଂ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ୮୨.୭୪ ପ୍ରତିଶତ ମତଦାନ ହୋଇଛି। ଗୁରୁବାର ମତଦାନ ପରେ ଉଭୟ ନିର୍ବାଚନ ମଣ୍ଡଳୀର ଦୁର୍ଗମ ଅଞ୍ଚଳରୁ ଇଭିଏମ୍ ଓ ଭିଭିପିଏଟି ନେଇ ପୋଲିଂ ପାର୍ଟି ବିଳମ୍ବିତ ରାତି ସୁଦ୍ଧା ଫେରି ନଥିଲେ। ତେଣୁ ମତଦାନର ପ୍ରକୃତ ସଂଖ୍ୟା ବାବଦରେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଶୁକ୍ରବାର ପୂର୍ବାହ୍ନରେ ସୂଚନା ଦେଇଛନ୍ତି। ଏଥର ଉଭୟ ନିର୍ବାଚନ ମଣ୍ଡଳୀରେ ମହିଳାମାନେ ଅଧିକ ମତ ସାବ୍ୟସ୍ତ କରିଥିଲେ।

ଜୟପୁର ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୯୧ ହଜାର ୭୧୯ ମତଦାତା ଥିବାବେଳେ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୫୫ ହଜାର ୩୬୮ ଜଣ ମତ ସାବ୍ୟସ୍ତ କରିଥିଲେ। ଜୟପୁର ବ୍ଲକରେ ୬୫ ହଜାର ୧୭୯ ପୋଲିଂ ଭିତରୁ ୩୩ ହଜାର ୩୮୯ ମହିଳା, ୩୧ ହଜାର ୭୯୦ ଜଣ ପୁରୁଷ ରହିଛନ୍ତି। ଜୟପୁର ପୌରସଂସ୍ଥାରେ ୪୦ ହଜାର ୩୧୭ ପୋଲିଂ ହୋଇଥିବା ବେଳେ ସେଥିରୁ ୨୦ ହଜାର ୩୪୩ ମହିଳା ଏବଂ ୧୯ହଜାର ୯୪୫ ପୁରୁଷଙ୍କ ଭୋଟ୍ ରହିଛି। ବୋରିଗୁମ୍ମା ବ୍ଲକରେ ୪୯ ହଜାର ୮୯୨ ପୋଲିଂ ଭିତରୁ ୨୫ ହଜାର ୭୭୯ ମହିଳା, ୨୪ ହଜାର ୧୧୪ ପୁରୁଷ ଓ ୨ ଜଣ ଅନ୍ୟାନ୍ୟ ଭୋଟ୍ ରହିଛି। ସେହିପରି କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ଥିବା ୨ ଲକ୍ଷ ୧୪ ହଜାର ୧୧୬ ଭୋଟଦାତାଙ୍କ ମଧ୍ୟରୁ ୧ ଲକ୍ଷ ୭୭ ହଜାର ୧୫୦ ଜଣ ମତଦାନ କରିଥିଲେ। ଏଥିରୁ କୋଟପାଡ଼ ବ୍ଲକରେ ୫୫ ହଜାର ୯୨୩ ଭୋଟିଂ ହୋଇଛି। ସେଥିରେ ୨୭ ହଜାର ୪୯୮ ଜଣ ମହିଳା ଓ ୨୮ ହଜାର ୪୯୮ ପୁରୁଷ ରହିଛନ୍ତି। କୋଟପାଡ଼ ଏନ୍‌ଏସିରେ ୯୧୫୩ ପୋଲିଂ ହୋଇଥିବା ବେଳେ ସେଥିରେ ୪୮୫୬ ମହିଳା ଓ ୪୨୯୭ ପୁରୁଷଙ୍କ ଭୋଟ୍ ରହିଛି। ବୈପାରୀଗୁଡ଼ା ବ୍ଲକରେ ହୋଇଥିବା ସମୁଦାୟ ୩୪ ହଜାର ୨୯୧ ପୋଲିଂ ଭିତରୁ ୧୭ ହଜାର ୬୨୬ ଜଣ ମହିଳା ଓ ୧୬ ହଜାର ୬୬୫ ଜଣ ପୁରୁଷଙ୍କ ଭୋଟ୍ ରହିଛି। କୁନ୍ଦୁରା ବ୍ଲକରେ ସମୁଦାୟ ୪୦ ହଜାର ୯୯୨ ଭୋଟିଂରୁ ୨୧ ହଜାର ୫୧ ମହିଳା ଓ ୧୯ ହଜାର ୯୪୧ଜଣ ପୁରୁଷ ଭୋଟ୍ ଦେଇଛନ୍ତି। ବୋରିଗୁମ୍ମା ବ୍ଲକରେ ସମୁଦାୟ ୩୬ ହଜାର ୭୯୧ ଜଣ ଭୋଟ୍ ଦେଇଥିବା ବେଳେ ସେଥିରେ ୧୮ ହଜାର ୭୯୬ ଜଣ ମହିଳା ଓ ୧୮ ହଜାର ୧ ଜଣ ପୁରୁଷ ରହିଛନ୍ତି।



ମା’ଙ୍କ ସହ ଆକାଶ ଖରା ।

■ ନାକ ଉପର ଟ୍ୟୁମର ଲୁଚାଇଦେଲାଣି ମୁହଁ

## ୯ ବର୍ଷର ଆକାଶର ଭାଗ୍ୟାକାଶରେ ଯନ୍ତ୍ରଣାର ବାଦଲ

ସେମିଳିଗୁଡା,୧୨।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଗୁଣ୍ଡାପୁଟ ପଞ୍ଚାୟତ କନ୍ଧକଉଡ଼ି ଗ୍ରାମରେ ଆକାଶ ଖରାଙ୍କ ଘର। ତାଙ୍କ ମୁହଁରେ ଟ୍ୟୁମର ହୋଇ ନାକ, ଆଖି ଓ ପାଟି ଲୁଚିସାରିଲାଣି। ଧୀରେଧୀରେ ଖାଦ୍ୟ ମଧ ବନ୍ଦ ହେବାକୁ ଲାଗିଲାଣି। ପ୍ରଥମେ ତାଙ୍କୁ ଲମତାପୁଟ ଆଶାକିରଣ ହସ୍‌ପିଟାଲ ନିଆଯାଇଥିଲା। ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯିବା ପରେ ୩ଦିନ ସେଠାରେ ରହି ତାଙ୍କୁ ଫେରାଇ ଦିଆଯାଇଥିଲା। ଦୀର୍ଘ ୬ମାସ ଭିତରେ ଟ୍ୟୁମର ଯଥେଷ୍ଟ ବଢ଼ିଯାଇଛି ଓ ତାଙ୍କୁ ଯନ୍ତ୍ରଣା ଦେଉଛି। ପ୍ରଶାସନ ପାଖରୁ କାଷ୍ଟ ସାର୍ଟିଫିକେଟ ଓ ଇନକମ ସାର୍ଟିଫିକେଟ ମିଳିଲେ ସରକାରୀ ସହାୟତା ରାଶି ମିଳିବ। ବୀମା କାର୍ଡ ଇତିମଧ୍ୟରେ ହଜିଯାଇଛି। ସବୁ ପ୍ରକାର ସାର୍ଟିଫିକେଟ ପାଇଁ ବାପା ବାଙ୍ଗୁରୁ ଖରା ଓ ମା’ ପାନା ଖରା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପ୍ରଶାସନିକ ଅଧିକାରୀ ନିର୍ବାଚନ କାମରେ ବ୍ୟସ୍ତ ଥିବାରୁ ତାଙ୍କୁ କେହି ଦୃଷ୍ଟି ଦେଉନାହାନ୍ତି। ଗାଁରେ ନିର୍ବାଚନ ପାଇଁ ନେତା ଟଙ୍କା ଉଡ଼ାଉଥିଲେ ମଧ୍ୟ ଆକାଶର ଚିକିତ୍ସା ସେବା ପାଇଁ କେହି ଧ୍ୟାନ ଦେଇ ନଥିଲେ। ଦିନରାତି ଯନ୍ତ୍ରଣାରେ କାଟୁଛି ଆକାଶ। ପ୍ରଶ୍ୱାସ ନେବାରେ କଷ୍ଟ ହେଉଛି। କିଛି ଖାଇପାରୁ ନାହିଁ। ଏବେ କୋରାପୁଟରୁ ତାଙ୍କୁ କଟକ ରେଫର କରାଯାଇଛି; କିନ୍ତୁ ସେଠାକୁ ଯିବା ପାଇଁ ପାଖରେ ଅର୍ଥ ନାହିଁ। ଏଯାବତ୍ କୌଣସି ଆଦିବାସୀ ନେତା ଏହି ଆଦିବାସୀ ପିଲାଟି ପ୍ରତି ସାମାନ୍ୟତମ ଦୃଷ୍ଟି ଦେଇନାହାନ୍ତି।



ମା’ ଦକ୍ଷିଣକାଳୀଙ୍କ ଘଟକୁ ସାହି ପରିକ୍ରମା କରାଯାଉଛି ।

## ୩ ଚୋରା ମଦ ବେପାରୀ ଗିରଫ

ନୀଳଗିରି, ୧୨।୪(ଡି.ଏନ.ଏ.)

ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଥାନାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସମୁଦାୟ ୧୪ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୭/୧୯, ୯/୧୯ ଓ ୧୦/୧୯) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି।

# ଦକ୍ଷିଣକାଳୀଙ୍କ ଘଟଯାତ୍ରା ଆରମ୍ଭ

ଜୟପୁର,୧୨।୪(ଡି.ଏନ୍.ଏ.)

ଜୟପୁର ବେହେରା ସାହିସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ଶୁକ୍ରବାରଠାରୁ ଘଟପର୍ବର ଶୁଭାରମ୍ଭ ହୋଇଛି। ଚୈତ୍ର ମାସ ଶୁକ୍ଲପକ୍ଷ ଅଷ୍ଟମୀ ତିଥିରୁ ଏହି ଯାତ୍ରା ଆରମ୍ଭ ହୋଇ ୫ ଦିନ ଧରି ଚାଲେ। ଘଟହାଣ୍ଡି, ଦେବୀଙ୍କ ଖଡ୍ଗ ଏବଂ ଫୁଲଚାଙ୍ଗୁଡ଼ି ହାତରେ ଧରି ଶ୍ରଦ୍ଧାଳୁ ଉପବାସ ରଖିବା ସହ ନିଷ୍ଠାରେ ସାହି, ବସ୍ତିରେ ଘରକୁ ଘର ବୁଲିଥାନ୍ତି। ଭକ୍ତମାନେ ଘର ଆଗରେ ହଳଦୀ ପାଣିରେ ଘଟ ବାହକଙ୍କ ଗୋଡ଼କୁ ଧୋଇବା ସହ ଦେବୀଙ୍କ ଘଟକୁ ପୂଜାର୍ଚ୍ଚନା କରିଥାଆନ୍ତି । ପ୍ରତ୍ୟେକ ଦିନ ସହରର ବିଭିନ୍ନ ଅଞ୍ଚଳକୁ ବାଜାବାଜଣା ସହ ଘଟ ବୁଲାଯାଏ। ପୂର୍ବାହ୍ନରେ ସ୍ଥାନୀୟ କୁମ୍ଭାର ସାହିରୁ ସାହିବାସିନ୍ଦା ବାଜାବାଜଣା ସହ ନୂତନ ହାଣ୍ଡି ନେଇ ପୁରୁଣାଗଡ଼ ମୁଖ୍ୟ ମନ୍ଦିର ଦକ୍ଷିଣକାଳୀ ପୀଠରୁ ଦେବୀଙ୍କ ଆଜ୍ଞାମାଳ ଆଣି ପୁଣି ଅସ୍ଥାୟୀ ମନ୍ଦିରକୁ ଫେରିବା ପରେ ଏହି ଯାତ୍ରା ଆରମ୍ଭ ହୁଏ।



ଦାମନଯୋଡ଼ିସ୍ଥିତ ହନୁମାନ ବାଟିକାରେ ଶୁକ୍ରବାର ମହାବୀର ଜୟନ୍ତୀ ଓ ତ୍ରିଦିନାତ୍ମକ ଯଜ୍ଞ ଆରମ୍ଭ ହୋଇଛି ।

# ଇଭିଏମ୍‌ରେ ୩୨ ପ୍ରାର୍ଥୀଙ୍କ ଭାଗ୍ୟ

## କୋରାପୁଟ ଜିଲାର ୫ ବିଧାନସଭା ଆସନ

କୋରାପୁଟ,୧୨।୪(ସ୍ୱ.ପ୍ର.)

କୋରାପୁଟ ଜିଲାର ୫ଟି ବିଧାନସଭା ଆସନରେ ମତଦାନ ସରିଯାଇ ଥିବାବେଳେ ଜିଲାର ୩୨ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ବନ୍ଦ ରହିଛି। ଏଥିରେ କୋରାପୁଟ ବିଧାନସଭା ଆସନର ୮ ଜଣ, ପଟ୍ଟାଙ୍ଗି ଆସନର ୬ ଜଣ, ଲକ୍ଷ୍ମୀପୁର ଆସନର ୫ ଜଣ, କୋଟପାଡ଼ ଆସନର ୫ ଜଣ, ଜୟପୁର ବିଧାନସଭା ଆସନର ୮ ଜଣ ପ୍ରାର୍ଥୀ ରହିଛନ୍ତି। ମେ ୨୩ରେ ସେମାନଙ୍କ ଭାଗ୍ୟଫଳ ସର୍ବସାଧାରଣରେ ପ୍ରକାଶ ପାଇବ। ବର୍ତ୍ତମାନ ପ୍ରାର୍ଥୀମାନେ ମତଦାନକୁ ନେଇ ଅଙ୍କକଷା, ସମୀକ୍ଷା ଆଲୋଚନା ଚଲାଇଛନ୍ତି। ଉପରୋକ୍ତ ବିଧାନସଭା ଆସନ ମଧ୍ୟରୁ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି କଂଗ୍ରେସର ତାରାପ୍ରସାଦ ବାହିନୀପତି, ଚନ୍ଦ୍ରଶେଖର ମାଝି, କୈଳାସ କୁଲେସିକା, ରାମଚନ୍ଦ୍ର କାଡାମ, କୃଷ୍ଣ କୁଲଦୀପ, ବିଜେଡିର ପୂର୍ବତନ ମନ୍ତ୍ରୀ ରବି ନନ୍ଦ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ପଦ୍ମିନୀ ଦିଆନ, ପ୍ରୀତମ ପାଢ଼ୀ, ଭାଜପାର ଗୌତମ ସାମନ୍ତରାୟ, ତ୍ରିପୁରାରୀ ଗରଡ଼ା, କୁମୁଦ ସାଉଁତା, ରାମଚନ୍ଦ୍ର ପାଙ୍ଗି ରହିଛନ୍ତି। ଚଳିତ ବର୍ଷ ନିର୍ବାଚନରେ ଜିଲାର ୫ଟି ବିଧାନସଭାରେ ଆଶାତୀତ ମତଦାନ ହୋଇଥିବାରୁ ଫଳାଫଳ ସମସ୍ତଙ୍କୁ ଚକିତ କରିବାର ସମ୍ଭାବନା ରହିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି ।

## କୋରାପୁଟ ଜିଲାରେ ୭୭.୫୮% ମତଦାନ

### କୋଟପାଡ଼ରେ ସର୍ବାଧିକ, ପଟ୍ଟାଙ୍ଗିରେ ସର୍ବନିମ୍ନ ଭୋଟିଂ

କୋରାପୁଟ,୧୨।୪(ସ୍ୱ.ପ୍ର.)

କୋରାପୁଟ ଜିଲାରେ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୭୭.୫୮ ପ୍ରତିଶତ ମତଦାନ ହୋଇଛି। ଶୁକ୍ରବାର ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ମିଳିଛି। ସେଥିମଧ୍ୟରୁ କୋଟପାଡ଼ ବିଧାନସଭା ମଣ୍ଡଳୀରେ ସର୍ବାଧିକ ୮୨.୭୪ ପ୍ରତିଶତ ମତଦାନ ହୋଇଥିବାବେଳେ ଜିଲାର ପଟ୍ଟାଙ୍ଗି ବିଧାନସଭା ମଣ୍ଡଳୀରେ ସର୍ବନିମ୍ନ ୭୫.୯୫ ପ୍ରତିଶତ ମତଦାନ ହୋଇଛି। ସେହିପରି ଜିଲାର କୋରାପୁଟ ବିଧାନସଭା ମଣ୍ଡଳୀରେ ୭୧.୪୨ ପ୍ରତିଶତ ମତଦାନ ହୋଇଥିବା ବେଳେ ଜୟପୁର ବିଧାନସଭା ମଣ୍ଡଳୀରେ ୮୧.୦୪ ପ୍ରତିଶତ ଏବଂ ଲକ୍ଷ୍ମୀପୁର ବିଧାନସଭା ମଣ୍ଡଳୀରେ ୭୬.୭୫ ପ୍ରତିଶତ ମତଦାନ ହୋଇଛି । ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ କୋଟପାଡ଼ ବିଧାନସଭା ମଣ୍ଡଳୀରେ ସର୍ବାଧିକ ୧ ଲକ୍ଷ ୬୮ ହଜାର ୮୦୮ ଜଣ ଭୋଟର ମତଦାନ କରିଥିବାବେଳେ ଜୟପୁର ବିଧାନସଭା ମଣ୍ଡଳୀରେ ୧ଲକ୍ଷ ୭୧ ହଜାର ୪୪୯ ଜଣ, କୋରାପୁଟ ବିଧାନସଭା ମଣ୍ଡଳୀରେ ୧ ଲକ୍ଷ ୧୮ ହଜାର ୨୧୭ ଜଣ ଭୋଟର, ପଟ୍ଟାଙ୍ଗି ବିଧାନସଭା ମଣ୍ଡଳୀରେ ୯୭ ହଜାର ୩୪୩ ଜଣ ଭୋଟର, ଲକ୍ଷ୍ମୀପୁର ବିଧାନସଭା ମଣ୍ଡଳୀରେ ୮୧ ହଜାର ୯୪୫ ଜଣ ଭୋଟର ମତଦାନ କରିଛନ୍ତି।

## ଅଶୋକାଷ୍ଟମୀ ପାଳିତ

ଦାମନଯୋଡ଼ି,୧୨।୪(ଡି.ଏନ୍.ଏ.):

ନାଲକୋ ଟାଉନସିପ୍ ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ମା’ ବିମଳାଙ୍କ ମନ୍ଦିରରେ ଶୁକ୍ରବାର ଅଶୋକାଷ୍ଟମ ପାଳିତ ହୋଇଛି। ସକାଳେ ସମସ୍ତ ରୀତିନୀତି ଓ ସପ୍ତମୀ ପୂଜା ପରେ ମହାଷ୍ଟମୀ ପୂଜା, ଚଣ୍ଡୀପାଠ ଓ ହୋମ ହୋଇଥିଲା। ପୂଜକ ଦଉହରି ମିଶ୍ର ପୂଜାକାର୍ଯ୍ୟ କରିଥିବା ବେଳେ ବିଜୟ ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, ପ୍ରଭାତ ରଥ, ଅମିୟ ସାମନ୍ତରାୟ ସହଯୋଗ କରିଥିଲେ। ପୂଜାରେ ତପନ ମହାପାତ୍ର ଓ ସ୍ତ୍ରୀ ସଙ୍ଗୀତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର କମିଟିର ସୁଶାନ୍ତ ଦାଶ ଓ ରବୀନ୍ଦ୍ରନାଥ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମା’ ବିମଳାଙ୍କ ମନ୍ଦିରରେ ଅଶୋକାଷ୍ଟମୀ ଉପଲକ୍ଷେ ପୂଜାର୍ଚ୍ଚନା ଚାଲିଛି ।

# ଜାତୀୟ କରାଟେରେ ପାୟଲଙ୍କୁ ସ୍ୱର୍ଣ୍ଣ

■ ଆଦ୍ୟାଶା, ଶରଣ୍ୟା, ତେଜସ୍ୱୀଙ୍କୁ ରୌପ୍ୟ

ସେମିଳିଗୁଡ଼ା,୧୨।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ସ୍ଥିତ ହାଲ୍ ପରିସରରେ ଥିବା ଉତ୍କଳ କରାଟେ ସ୍କୁଲର ବାଳିକା ଦଳ ଜାତୀୟ କରାଟେରେ ଉଲ୍ଲେଖନୀୟ ସଫଳତା ପାଇଛି। ଦଳର ଆଦ୍ୟାଶା ସାମନ୍ତରାୟ, ତେଜସ୍ୱୀ ମହାପାତ୍ର ଓ ଶରଣ୍ୟା ରାୟ ରୌପ୍ୟ ପଦକ ହାସଲ କରିଛନ୍ତି। ବିଶ୍ୱ କରାଟେ ମହାସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜାତୀୟ କରାଟେ ପ୍ରତିଯୋଗିତା ଆସାମର ଗୌହାଟି ସ୍ଥିତ ଡିଟିଆର୍‌ପି ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ପାୟଲ (୨୧ ବର୍ଷରୁ କମ୍) ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ସଫଳତା ପାଇଁ ସ୍କୁଲର ପ୍ରଶିକ୍ଷକ ମହେଶ ବରାଳ ଓ ସଭାପତି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସ୍ୱର୍ଣ୍ଣ ଓ ରୌପ୍ୟ ବିଜୟୀ ଖେଳାଳିମାନେ ।

## ନବଗ୍ରହ ମନ୍ଦିର ବାର୍ଷିକୋତ୍ସବ

ଦାମନଯୋଡ଼ି,୧୨।୪(ଡି.ଏନ୍.ଏ.)

ନାଲ୍‌କୋ ଟାଉନ୍‌ସିପ୍ ସେକ୍ଟର-୧ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ନବଗ୍ରହ ମନ୍ଦିରର ତୃତୀୟ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସକାଳେ କଳସ ପୂଜା, ବର୍ଦ୍ଧନୀ ଘଟ ପୂଜା, ନବଗ୍ରହଙ୍କ ଉପଚାର, ହୋମଯଜ୍ଞ କରାଯାଇଥିଲା। ପୂଜକ ପଣ୍ଡିତ ଦଉହରି ମିଶ୍ର, କୈଳାସ ଚନ୍ଦ୍ର ପଣ୍ଡା, ବିଜୟ ପଣ୍ଡା, ପ୍ରଭାତ ରଥ, ଅମିୟ ସାମନ୍ତରାୟ ପୂଜା କାର୍ଯ୍ୟ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୁଶାନ୍ତ ଦାଶ, ଶିଶିର ପରିଡ଼ା, ରବୀନ୍ଦ୍ରନାଥ ମୁଦୁଲି, ଅଲେଖ ଚନ୍ଦ୍ର ନାୟକ, ଖଦାଳ ନାୟକ, ବିକ୍ରମ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪୦ ଦିନ ହେଲା ଏଟିଏମ୍ ଅଚଳ

ବୈପାରୀଗୁଡ଼ା,୧୨।୪(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ସଦରରେ ଏସ୍‌ବିଆଇ ଓ ଆଇଓବି ଶାଖାର ଏଟିଏମ୍ ରହିଛି। ଏହା ଉପରେ ବ୍ଲକର ସମସ୍ତ ବ୍ୟାଙ୍କ ଉପଭୋକ୍ତା ନିର୍ଭର କରନ୍ତି। ଏହା ବ୍ୟତୀତ ଜୟପୁର-ମାଲକାନଗିରି ଜାତୀୟ ରାଜପଥରେ ଏହା ଏକ ପ୍ରମୁଖ ଛକ ହୋଇଥିବାରୁ ବାହାର ଲୋକେ ମଧ ଏହା ଉପରେ ନିର୍ଭରଶୀଳ। ମାସକ ତଳୁ ଏଟିଏମ୍ ଅଚଳ ପଡ଼ିଥିବା ବେଳେ ଶଟରରେ ତାଲା ପଡ଼ିଛି। ହାତଗଣତି ବ୍ୟାଙ୍କ ଥିବାରୁ ଲୋକେ ନେଣଦେଣ ପାଇଁ ବ୍ୟାଙ୍କରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେଉଛନ୍ତି। ଏବେ ଏଟିଏମ୍ କାମ କରୁ ନଥିବାରୁ ଟଙ୍କା ଉଠାଇବା ପାଇଁ ଲୋକେ ବାଧ ହୋଇ ବ୍ୟାଙ୍କ କାର୍ଯ୍ୟାଳୟରେ ଭିଡ଼ ଜମାଉଛନ୍ତି। ବ୍ୟାଙ୍କରେ ଟଙ୍କା ଥିବା ସତ୍ତ୍ୱେ ଆବଶ୍ୟକ ସ୍ଥଳରେ ଲୋକେ ଉଧାର କରୁଛନ୍ତି। ଏ ସଂପର୍କରେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପଚାରିଲେ ସେ ଏଟିଏମ୍ ମେଶିନ ଖରାପ ହୋଇଥିବା ସଫେଇ ଦେଉଛନ୍ତି। ଅପରପକ୍ଷେ ମାସ ମାସ ଧରି ଏଟିଏମ୍ କାର୍ଯ୍ୟକ୍ଷମ ନ ହେବା ସାଧାରଣରେ ନାନା କଳ୍ପନା ଜଳ୍ପନା ତିଆରି କରିଛି। ନିର୍ବାଚନରେ ଟଙ୍କା କାରବାର ରୋକିବା ପାଇଁ ଏପରି କରାଯାଇ ଥାଇପାରେ ବୋଲି ଅନେକ କହୁଛନ୍ତି। ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ସଂସ୍ଥାର ଏଗ୍ରିମେଣ୍ଟ ନବୀକରଣ ହୋଇ ନ ଥିବାରୁ ଏପରି ସମସ୍ୟା ଉପୁଜିଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି। ଏପରି ଅଚଳାବସ୍ଥା ଜାରି ରହିଲେ ଆନ୍ଦୋଳନ ତେଜିବ ବୋଲି ବ୍ୟାଙ୍କ ଉପଭୋକ୍ତା ଚେତାବନୀ ଦେଲେଣି।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ଏପ୍ରିଲ ୧୩/୨୦୧୯ Rayagada, Saturday, April 13/ 2019

## ସଂକ୍ଷେପରେ

### ମୋହନା ବ୍ଲକରେ ୭୬ ପ୍ରତିଶତ ମତଦାନ

ମୋହନା,୧୨।୪(ଡି.ଏନ୍.ଏ.)ମୋହନା ନିର୍ବାଚନମଣ୍ଡଳୀରେ ରହିଥିବା ୧୨୦ ବୁଥ୍‌ରେ ୭୬ ପ୍ରତିଶତ ମତଦାନ ହୋଇଛି। କେତେକ ସ୍ଥାନରେ ଇଭିଏମ ଖରାପ ଯୋଗୁ ମତଦାନ ବିଳମ୍ବ ହୋଇଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ସଜଡା ଯାଇ ପୁଣି ମତଦାନ ଆରମ୍ଭ ହୋଇଥିଲା। ମୋହନା ବ୍ଲକରେ ୩୧୨୯୬ ଜଣ ମହିଳା ମତଦାନ କରିଥିବା ବେଳେ ୩୩୩୮୯ ଜଣ ପୁରୁଷ ମତଦାନ କରିଛନ୍ତି। ମୋଟ ଭୋଟର ସଂଖ୍ୟା ୮୫ହଜାର ୬୨୯ ଥିବା ବେଳେ ୬୪୬୮୫ ଜଣ ମତଦାନ କରିଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ବଂଶୀଧର ଖୋସଲା ସୂଚନା ଦେଇଛନ୍ତି। ସକାଳ ୭ଟାରୁ ଭୋଟ ଦାନ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। କେତେକ ବୁଥରେ ପାଣି ଓ ଟେଣ୍ଟ ବ୍ୟବସ୍ଥା କରାଯାଇଥିବା ନ ଥିବାରୁ ସାଧାରଣ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମାତ୍ର ଖରା ସତ୍ତ୍ୱେ ବିଭିନ୍ନ ବୁଥରେ ଭୋଟର ଲମ୍ବା ଧାଡିରେ ଠିଆ ହୋଇ ମତଦାନ କରିଥିଲେ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ସମସ୍ତ ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା।

### ଭାଜପା ପୋଷ୍ଟର ଚିରିବା ନେଇ ଥାନାରେ ଏତଲା

**ଶେରଗଡ,୧୨।୪(ଡି.ଏନ.ଏ.):** ଶେରଗଡ ବ୍ଲକର ଷୋଳଶଳା ଗ୍ରାମରେ ଭାଜପା ପୋଷ୍ଟର ଚିରିବାକୁ ନେଇ ଶେରଗଡ ଥାନାରେ ଏତଲା ହୋଇଛି। ଏତଲା ଦେଇଛନ୍ତି ଧବଳପୁର ଗ୍ରାମର ଭାଜପା ନେତା ତଥା ମଣ୍ଡଳସଭାପତି ସଞ୍ଜୟ ପ୍ରଧାନ। ଶେରଗଡ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ନଂ.୩୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ଷୋଳଶଳା ଗ୍ରାମରେ ଭାଜପାର ଗୋଟିଏ ପୋଷ୍ଟର ଲାଗିଥିଲା। ଉକ୍ତ ପୋଷ୍ଟରକୁ ବିଜେଡିର ଜଣେ ନେତା ଚିରି ସେଠାରେ ବିଜେଡିର ପୋଷ୍ଟର ଲଗାଇଦେଇଥିଲା। ଏନେଇ ରମେଶ ପଚାରିବାରୁ ତାଙ୍କୁ ଧମକ ଦେଇଥିଲେ। ସଞ୍ଜୟ ସନ୍ଧ୍ୟା ୫ଟାରେ ଶେରଗଡ ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଖବର ପାଇ ହିଞ୍ଜିଳିକାଟୁ ଭାଜପା ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ, ଦେବାନନ୍ଦ ମହାପାତ୍ର, ରାଘବ ପରିଡା ଶିଶିର ମିଶ୍ରଙ୍କ ସମେତ ବହୁ ଭାଜପା ନେତା ପହଞ୍ଚି ତୁରନ୍ତ ପଦକ୍ଷେପ ନେବାକୁ ଆଇଆଇସିଙ୍କ ନିକଟରେ ଦାବି କରିଥିଲେ। ଖବର ପାଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଶେରଗଡ ଥାନାରେ ପହଞ୍ଚି ଆଇଆଇସିଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ତଦନ୍ତ ଚଳାଇଛନ୍ତି।

# ସରିଲା ପ୍ରଥମ ପର୍ଯ୍ୟାୟ ଘଟ ପରିକ୍ରମା

- ୬ ସାହି ପରିକ୍ରମା
- ଯାତ୍ରା ଦାଣ୍ଡକୁ ଆସିବାକୁ ପ୍ରସ୍ତୁତ ହେଉଛି ରଥ, କଳାକୁଞ୍ଜ

**ବ୍ରହ୍ମପୁର ଅଫିସ,୧୨।୪**

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶୁକ୍ରବାର ୧୪ ଦିନରେ ପହଞ୍ଚିଛି । ଏହି କ୍ରମରେ ମା'ଙ୍କ ପ୍ରଥମ ପର୍ଯ୍ୟାୟ ଘଟ ପରିକ୍ରମା ଶେଷ ହୋଇଛି । ଯାତ୍ରା ପରମ୍ପରା ଅନୁସାରେ ଏହି ପର୍ଯ୍ୟାୟରେ ମା' ସାହି ପରିକ୍ରମା ବେଳେ ରଥ ଓ କଳାକୁଞ୍ଜ ଆମନ୍ତ୍ରଣ ପର୍ବ ସମାପ୍ତ ହୋଇଛି। ଶୁକ୍ରବାରରୁ ମା'ଙ୍କ ଦ୍ୱିତୀୟ ପର୍ଯ୍ୟାୟ ଘଟ ପରିକ୍ରମା ଆରମ୍ଭ ହୋଇଛି । ପରମ୍ପରା ଅନୁସାରେ ଏହି ପର୍ଯ୍ୟାୟରେ ମା' ବିଭିନ୍ନ ସାହି ପରିକ୍ରମା କରି ପୂର୍ବ ନିମନ୍ତ୍ରିତ ରଥକୁ ଉନ୍ମୋଚନ କରିବେ । ଏହି ସମୟରେ ମା'ଙ୍କ ସମ୍ମୁଖରେ କେତେକ ରଥର ମସ୍ତକ ସ୍ଥାପନ କରାଯିବ । ଏହି ପର୍ଯ୍ୟାୟରେ ଯାତ୍ରାସ୍ଥଳ ଦେଶୀବେହେରା ସାହି ସମେତ ବଡବଜାର, ସାନବଜାର ଓ ପୁରୁଣାବ୍ରହ୍ମପୁର ଅଞ୍ଚଳର ବିଭିନ୍ନ ସାହିରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ଜମିବ । ଅପରପକ୍ଷରେ ମା'ଙ୍କ ଯାତ୍ରାକୁ ଶନିବାର ୧୫ ଦିନ ପୂରିବ। ଯାତ୍ରା ଅବଧି ଆଉ ୧୫ ଦିନ ବାକି ରହିଥିବାରୁ ଅସ୍ଥାୟୀ ପୀଠ ତଥା ବାପଘରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଏବେ ଭିଡ ବଢୁଛି । ମାନସିକ ବେଶଧାରୀଙ୍କ ସମେତ ବାଘ ଓ ବିଭିନ୍ନ ଦଳ ଗତ ବେଶ ଓ ଚାଙ୍ଗୁବାଦ୍ୟରେ ଏବେ ଦେଶୀବେହେରା ସାହି ସମେତ ସମଗ୍ର ସହର ପ୍ରକମ୍ପିତ ହେଉଛି ।



ମହିଳାମାନେ ଧର୍ମଧଣ୍ଡା ମୂଳରେ ପୂଜା କରୁଛନ୍ତି।




ଶୁକ୍ରବାର ଭୋରୁ ମା'ଙ୍କ ରୀତିନୀତି ଶେଷ ହେବା ପରେ ଅସ୍ଥାୟୀ ପୀଠରେ ଭିଡ ଜମିଥିଲା । ମା'ଙ୍କ ଯାତ୍ରା ସମୟସୀମା କମୁଥିବାରୁ ଦର୍ଶନ ଓ ମାନସିକ ପୂରଣ ଅଭିଳାଷ ନେଇ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଭିଡ ଜମାଇଥିଲେ। ମାନସିକବେଶଧାରୀମାନେ ବିଭିନ୍ନ ବେଶ ଧାରଣ କରି ଗଳି କନ୍ଦି ବୁଲିବା ସହ ସେଠାରୁ ସଂଗ୍ରହ କରିଥିବା ଭିକ୍ଷାରେ ମା'ଙ୍କୁ ଭୋଗ ଅର୍ପଣ କରିଥିଲେ। ଅନ୍ୟପଟରେ ଦେଶୀବେହେରା ସାହି ସମେତ ନଡିଆ ଗୁର୍ଜି, ଗୁଡବଜାରର ବିଭିନ୍ନ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଯାତ୍ରାସ୍ଥଳ ଓ ଏହାର ଆଖପାଖ ସାହିରେ ଏବେ ରଙ୍ଗିନ ଆଲୋକମାଳା ଓ ସାଜସଜ୍ଜା କାର୍ଯ୍ୟ ଆରମ୍ଭ ହୋଇଛି । ବିଭିନ୍ନ ସାହିରେ ମଧ୍ୟ ରଥ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଥିବା ଜଣାପଡିଛି । ସନ୍ଧ୍ୟାରେ ପାରମ୍ପରିକ ଭାବେ ମା'ଙ୍କ ଘଟ ପରିକ୍ରମା ଅନୁଷ୍ଠିତ ହୋଇଥିଲା । ବାଦ୍ୟ, ବାଜଣା, ମହୁରୀ ହୁଳହୁଳି ମଧ୍ୟରେ ମା' ଦେବକୀ ଠାକୁରାଣୀଙ୍କ ମୁଖ୍ୟଘଟକୁ ମୁଣ୍ଡାଇଥିଲେ ଏବଂ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱଘଟକୁ ମୁଣ୍ଡାଇ ସାହି ପରିକ୍ରମାରେ ବାହାରିଥିଲେ । ଶହ ଶହ ଶ୍ରଦ୍ଧାଳୁଙ୍କ ମେଳରେ ମା'ଙ୍କ ଘଟ ଶୋଭଯାତ୍ରା ଅସ୍ଥାୟୀ ପୀଠରୁ ବାହାରି ପ୍ରଥମେ ରାଜବାଟିକୁ ଯାଇଥିଲା । ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତି ସହ ପୂଜାର୍ଚ୍ଚନା କରିବା ପରେ ଘଟ ବିଭିନ୍ନ ସାହି ପରିକ୍ରମା କରିଥିଲା । ଯାତ୍ରାର ୧୪ତମ ଦିନରେ ମା'ଙ୍କ ଘଟ ଶୋଭାଯାତ୍ରା ୬ ସାହି ପରିକ୍ରମା କରିଥିଲା। ରାଜବାଟିରୁ ମା'ଙ୍କ ଘଟ ବଡବଜାର ଦେଇ ଚନ୍ଦ୍ରମା ସାହି, ବାଲିଙ୍କିପେଟା, ଗୋବର୍ଦ୍ଧନ ପେଟା, ଆଡୁଆ ସାହି, କାଠମାଣ୍ଡୁ ରୋଡ ଓ ବାରିଆବିଲ ସାହି ପରିକ୍ରମା କରିଥିଲା । ଏହାପରେ କେଦାରେଶ୍ୱର ରୋଡ, ଦେଶୀବେହେରା ସାହି ହୋଇ ଘଟ ଅସ୍ଥାୟୀ ପୀଠରେ ବହୁଡିଥିଲେ । ଉପରୋକ୍ତ ସାହି ପରିକ୍ରମା ବେଳେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା । ମହିଳାମାନେ ଘର ଦୁଆର ମୁହଁରେ ପାଣି କୁମ୍ଭ ରଖିବା ସହ ହଳଦୀ କର୍ପୁର ମିଶା ପାଣିକୁ ମୁଖ୍ୟଘଟଧାରୀଙ୍କ ପାଦରେ ଢାଳିଥିଲେ ।

## ଗର୍ଭାବସ୍ଥାରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ।

**ବ୍ରହ୍ମପୁର ଅଫିସ୍,୧୨।୪**

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଆଇଇସି ହଲ୍‌ରେ ଶୁକ୍ରବାର ନିରାପଦ ମାତୃତ୍ୱ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଗର୍ଭାବସ୍ଥାରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ପ୍ରସୂତିକାଳୀନ ମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ ବୋଲି ପ୍ରକାଶ କରିଥିଲେ। ଭାରତରେ ପ୍ରତି ଘଣ୍ଟାରେ ୫ଜଣ ମା'ଙ୍କ ମୃତ୍ୟୁ ହେଉଛି। ଏହାକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତଥାପି ମହିଳାମାନଙ୍କ ମଧ୍ୟରେ ସଚେତନତାର ଅଭାବ ରହୁଛି। ଡାକ୍ତରଖାନାରେ ପ୍ରସବ କରାଇବାକୁ କୁଣ୍ଠାବୋଧ କରୁଛନ୍ତି। ଏଭଳି ମାନସିକତା ବଦଳିବା ଦରକାର। ସର୍ବଦା ଡାକ୍ତରଖାନାରେ ପ୍ରସବ କରାଇବା ଉଚିତ। ତେବେ ଯାଇ ମୃତ୍ୟୁକୁ ରୋକାଯାଇପାରିବ ବୋଲି ସେ କହିଥିଲେ। ଜିଲା ମ୍ୟାଲେରିଆ ଅଧିକାରୀ ଡା. ଜଗଦୀଶ ପଟ୍ଟନାୟକ କହିଥିଲେ ଯେ, ପରିବାର ନିୟୋଜନ, ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରସବ ପରବର୍ତ୍ତୀ ଯତ୍ନ ଦ୍ୱାରା ନିରାପଦ ମାତୃତ୍ୱ ସମ୍ଭବ ହୋଇପାରିବ। ଦୁଇ ଶିଶୁର ଜନ୍ମ ଭିତରେ ଆବଶ୍ୟକ ସମୟ ବ୍ୟବଧାନ ରହିବା ଉଚିତ। ଗର୍ଭଧାରଣ ସମୟରେ ଉପଯୁକ୍ତ ଖାଦ୍ୟ ଏବଂ ଅନ୍ୟାନ୍ୟ ଯତ୍ନ ନିଆଯିବ ଉଚିତ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହିମାଂଶୁବାଳା ପଟ୍ଟନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ଭି. ସରୋଜିନୀ ଦେବୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଏବଂ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରବନ୍ଧକ ଶକ୍ତି ଦିଗାଲ୍ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନର୍ସିଂ ଛାତ୍ରୀମାନେ ଏଥିରେ ଭାଗନେଇ ପୁରସ୍କୃତ ହୋଇଥିଲେ।

## କିରିକୁଟିରେ ନବରାତ୍ର ପୂଜା ଆରମ୍ଭ, କଳସ ଶୋଭାଯାତ୍ରା

**ଦାରିଙ୍ଗବାଡ଼ି,୧୨।୪(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ କିରିକୁଟିଠାରେ ଶୁକ୍ରବାର ବାସନ୍ତିକ ନବରାତ୍ରୀ ପୂଜାର ଶୁଭାରମ୍ଭ ହୋଇଛି। ଏହା ୩ଦିନ ଧରି ହେବ। ପ୍ରଥମ ଦିନରେ ଅଧିବାସ ଓ ପ୍ରଥମ ପୂଜା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଅପରାହ୍ନରେ ନଦୀ ତୁଠକୁ ଯାଇ ପୂଜାର୍ଚ୍ଚନା ପରେ ଜଳ ଉଠାଇଥିଲେ। ଶୋଭାଯାତ୍ରାରେ ବାହାରି ଗ୍ରାମର ମଧୁପଲ୍ଲି, ପାତ୍ରସାହି, ଓଡ଼ିଆସାହି ହୋଇ ସାହି ପରିକ୍ରମା କରି ମା' ପାଟଖଣ୍ଡାଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ସନ୍ତୋଷ କୁମାର ମିଶ୍ରଙ୍କ ପୌରହିତରେ ପୂଜାର୍ଚ୍ଚନା କରାଯିବା ସହ ଦେବତାଙ୍କୁ ଆହ୍ୱାନ କରାଯାଇଥିଲା। ସେହିପରି ମହାସ୍ନାନ, ଅଗ୍ନିସ୍ଥାପନ ସହ ସନ୍ଧ୍ୟାରେ ହୋମଯଜ୍ଞ ସହ ଆଳତୀ କରାଯାଇଛି।



ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି।

ଶନିବାର ନବମୀ ପୂଜା, ରବିବାର ଦଶମୀ ପୂଜା ଏବଂ ପୂର୍ଣ୍ଣାହୁତି ଦିଆଯିବ ବୋଲି ପୂଜା କମିଟିର ସଭାପତି ଅଞ୍ଜନ ପ୍ରଧାନ କହିଛନ୍ତି। କମିଟିରେ ସମ୍ପାଦକ ଜଗନ୍ନାଥ ସାମନ୍ତ, କୋଷାଧ୍ୟକ୍ଷ ମୁକୁନ୍ଦ ସିଂ ପାତ୍ର, ରତ୍ନା ସିଂ ପାତ୍ର, ହୃଷିକେଶ ବେହେରା ଦଳାଇ, ଚିନ୍ମୟ ସାହୁଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି। କିରିକୁଟି ସମେତ ଆଖପାଖ ଗ୍ରାମ ତଥା ଆଦିବାସୀ କଲୋନୀ, ସିମନବାଡ଼ି, ଲୁଦୁବାନ୍ଧା, ତଜଡ଼ବାଡ଼ି, ମେଡୁବାଡ଼ି ଆଦି ଗ୍ରାମର ଶତାଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।

## ଖଜୁରିପଡ଼ା ଗ୍ରାମାଞ୍ଚଳରେ ଲାଗିନି ବିଜେଡି ପୋଷ୍ଟର

**ଖଜୁରିପଡ଼ା, ୧୨।୪ (ଡି.ଏନ୍.ଏ.)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାରକୁ ରହିଲା ଆଉ ମାତ୍ର ୪ ଦିନ। ୧୬ ତାରିଖରେ ପ୍ରଚାର ଶେଷ ଓ ୧୮ରେ ଭୋଟ ଗ୍ରହଣ। ଗ୍ରାମାଞ୍ଚଳର ପ୍ରାର୍ଥୀଙ୍କୁ ଚିହ୍ନିବାକୁ ଭୋଟର ଅପେକ୍ଷା କରିଛନ୍ତି। ବିଶେଷ କରି ପ୍ରତିଗାଁରେ ବିଜେଡିକୁ ଅଧିକ ଭୋଟ ଦେଇଥାନ୍ତି। କିନ୍ତୁ ଚଳିତ ସାଧାରଣ ନିର୍ବାଚନରେ ଗ୍ରାମରେ ବିଜେଡିର ବର୍ତ୍ତମାନ ପର୍ଯ୍ୟନ୍ତ ପୋଷ୍ଟର ବ୍ୟାନର ପହଞ୍ଚି ନାହିଁ। ଗାଁରେ କେବଳ ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ପୋଷ୍ଟର ଲାଗିଛି। ସେହିପରି ପ୍ରାର୍ଥୀ ମଧ୍ୟ ଅଧିକାଂଶ ଗାଁକୁ ଯାଇ ଭୋଟ ଭିକ୍ଷା କରିନାହାନ୍ତି କି ପରିଚୟ ମଧ୍ୟ ଦେଇ ନ ଥିବା ଭୋଟର କହିଛନ୍ତି।

## ଆର.ଉଦୟଗିରିରେ ୭୬.୪୧% , ନୂଆଗଡ଼ରେ ୭୩.୯୯% ମତଦାନ

**ଆର.ଉଦୟଗିରି, ୧୨।୪ (ଡି.ଏନ.ଏ)**

ଆର.ଉଦୟଗିରି ବ୍ଲକରେ ଗୁରୁବାର ବ୍ରହ୍ମପୁର ଲୋକସଭା ଓ ମୋହନା ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀ ପାଇଁ ମତଦାନ ବେଳେ ବିଭିନ୍ନ ଭୋଟ କେନ୍ଦ୍ରରେ ବିଭ୍ରାଟ ଦେଖାଦେବାରୁ ସଙ୍ଗେ ସଙ୍ଗେ ନିର୍ବାଚନ ଅଧିକାରୀ ସମାଧାନ କରିଥିଲେ। ଅନ୍ୟ ଭୋଟ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାରେ ମତଦାନ ହୋଇଛି। ଆର.ଉଦୟଗିରି ବ୍ଲକର ମୋଟ ୪୦,୩୯୩ ଭୋଟର ମଧ୍ୟରୁ ୩୦,୮୬୬ ଓ ନୂଆଗଡ ବ୍ଲକର ମୋଟ ୩୮,୮୨୮ ଭୋଟର ମଧ୍ୟରୁ ୨୮,୭୨୯ ମତଦାନ କରିଥିବା ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ନାୟକ ଓ ନୂଆଗଡ ଜିପିଓ ପ୍ରଭାକର ସାହୁ ସୂଚନା ଦେଇଛନ୍ତି।




## ଜି.ଉଦୟଗିରିରେ ମେରୁଯାତ୍ରା ପ୍ରସ୍ତୁତି

**ଜି.ଉଦୟଗିରି, ୧୨।୪ (ଡି.ଏନ.ଏ.)**

ଜି.ଉଦୟଗିରି ଅଞ୍ଚଳର ପ୍ରସିଦ୍ଧ ମହାପ୍ରଭୁ ଆନନ୍ଦେଶ୍ୱର ଓ ମା' ରୁଦ୍ରକାଳୀଙ୍କ ମେରୁଯାତ୍ରା ଶନିବାର ଅନୁଷ୍ଠିତ ହେବ। ୧୩ ଦିନ ଦଣ୍ଡଯାତ୍ରା ସାରି ଠାକୁର ସକାଳୁ ବିରାଟ ପଟୁଆରରେ କାମନା ମନ୍ଦିରକୁ ଫେରିବେ। ମଧ୍ୟାହ୍ନ ୧୨ଟାରେ ଠାକୁର ମେରୁ ପଡ଼ିଆକୁ ଯିବେ। ସେଠାରେ ଧୂଳିଦଣ୍ଡ ପ୍ରଦର୍ଶନ ହେବା ପରେ ଅପରାହ୍ନ ୪ଟାରେ ବନ୍ଧ ତୁଠକୁ ଯାଇ ଠାକୁରଙ୍କ ପୂଜାର୍ଚ୍ଚନା କରାଯିବ। ସନ୍ଧ୍ୟାରେ ଠାକୁର କାମନା ମନ୍ଦିରକୁ ଫେରିବା ପରେ ମେରୁଖୁଣ୍ଟରେ ପାଟଭୁକ୍ତାଙ୍କୁ ଝୁଲାଯିବ ବୋଲି ରୁଦ୍ରକାଳୀ ନାଟ୍ୟ ସଂସଦର ପରିଚାଳକ ଅକ୍ଷୟ ଦାଶ କହିଛନ୍ତି। ଶନିବାର ଜି.ଉଦୟଗିରିର ସାପ୍ତାହିକ ହାଟ, ପୁଣି ସେହିଦିନ ଶ୍ରୀରାମ ନବମୀ ପୂଜା ଓ ମେରୁଯାତ୍ରା ହେଉଥିବା ଯୋଗୁ ଚଳିତ ବର୍ଷ ସହରରେ ଜନଗହଳି ଅଧିକା ହେବ । ଗହଳିକୁ ଦୃଷ୍ଟିରେ ରଖି ଏନ୍‌ଏସି ତରଫରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଓ ପଣା ବଣ୍ଟନ ବ୍ୟବସ୍ଥା କରାଯାଉଛି। ସହରରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ଜି.ଉଦୟଗିରି ଥାନା ଆଇଆଇସି ଜିବନାନନ୍ଦ ଜେନା କହିଛନ୍ତି।




## ■ ସାଧାରଣ ନିର୍ବାଚନ ପାଇଁ ୧୮ରେ ଭୋଟ ଗ୍ରହଣ

# ୫୭ ବୁଥରେ ନାହିଁ ମୋବାଇଲ ସେବା, ହେଲୋ ପଏଣ୍ଟ ଚିହ୍ନଟ

- ଜଣେ ସହାୟକ ଭୋଟ ଗ୍ରହଣ ବେଳେ ଉପସ୍ଥିତ ରହିବେ
- ସିସି କ୍ୟାମେରା, ଭିଡିଓ ଗ୍ରାଫି ଓ ଫଟୋଗ୍ରାଫି, ପିଇବା ପାଣି, ବିଦ୍ୟୁତ୍ ସୋଲାର ଆଲୁଅ ବ୍ୟବସ୍ଥା

**ଦାରିଙ୍ଗବାଡ଼ି,୧୨।୪(ଡି.ଏନ.ଏ.)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ସମେତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ୧୮ରେ ଗ୍ରହଣ ହେବ। ଦାରିଙ୍ଗବାଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ବ୍ଲକ ଅଞ୍ଚଳରେ ମୋଟ ୨୫ ପଞ୍ଚାୟତ ରହିଥିବାବେଳେ ୧୦୬ ବୁଥ୍ ରହିଛି। ବୁଥ୍ ଗୁଡିକ ଦାରିଙ୍ଗବାଡ଼ି, ବ୍ରାହ୍ମଣୀଗାଁ ଏବଂ ବାଲିଗୁଡ଼ା ଥାନା ଅଧୀନରେ ରହିଛି। ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି।

ସେହିପରି ୧୦୬ ବୁଥ ମଧ୍ୟରୁ ୫୭ରେ ମୋବାଇଲ ସେବା ସମ୍ପୂର୍ଣ୍ଣ ଭାବେ ନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ଏହି ୫୭ ବୁଥ ପାଇଁ ହେଲୋ ପଏଣ୍ଟ ଚିହ୍ନଟ କରାଯାଇଛି। ଜଣେ ସ୍ୱେଚ୍ଛାସେବୀ ସେଠାରେ ନିୟୋଜିତ ହେବେ। ସେ ହେଲୋ ପଏଣ୍ଟରେ ଭୋଟଗ୍ରହଣ ସରିବା ପର୍ଯ୍ୟନ୍ତ ଜଗି ରହିବେ। ସେହିପରି ହେଲୋ ପଏଣ୍ଟକୁ ଖବର ଦେବା ପାଇଁ ବୁଥରେ ଜଣେ ସ୍ୱେଚ୍ଛାସେବୀ ଜଗିରହିବେ।




ହେଲୋ ପଏଣ୍ଟକୁ ଚିହ୍ନଟ କରାଯାଇ ସେଠାରେ ଉଲ୍ଲେଖ କରାଯାଇଛି।

କୌଣସି ତଥ୍ୟ, ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟକିଛି ସମସ୍ୟା ଉପୁଜିଲେ ବୁଥ୍‌ରେ ଥିବା ବ୍ୟକ୍ତି ହେଲୋ ପଏଣ୍ଟକୁ ଯାଇ ଖବର ଦେବେ। ସେଠାରୁ ଫୋନ ଯୋଗେ ପ୍ରଶାସନ ନିକଟକୁ ଖବର ପହଞ୍ଚିବା ବ୍ୟବସ୍ଥା କରାଯାଇଛି। ସେହିପରି ଅବାଧ, ମୁକ୍ତ ନିର୍ବାଚନ ପାଇଁ ୬ ଅତିସମ୍ବେଦନଶୀଳ ସ୍ଥାନରେ ସିସିକ୍ୟାମେରା ଲଗାଯିବା ସହ ୩୦ ବୁଥରେ ମାଇକ୍ରୋ ଅବଜରଭର ରହିବେ, ୨୭ ବୁଥରେ ଭିଡିଓଗ୍ରାଫି କରାଯିବା ସହ ୨୩ ବୁଥରେ ଫଟୋଗ୍ରାଫି କରାଯିବ ବୋଲି ବିଡିଓ ତ୍ରିଲୋଚନ ପାତ୍ର କହିଛନ୍ତି। ଆବଶ୍ୟକ ସ୍ଥଳରେ ଏହା ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ସେହିପରି ପାନୀୟ ଜଳ ପାଇଁ ଯେଉଁଠି ନଳକୂପ ନାହିଁ ସେଠାରେ ଜନସଂଖ୍ୟାକୁ ଧରି ୫ ଶହ ଏବଂ ୧ ହଜାର ଲିଟର ପାଣିଟାଙ୍କିର ବ୍ୟବସ୍ଥା କରାଯାଇଛି। ସମସ୍ତ ବୁଥ୍‌କୁ ଆଲୁଅ ବ୍ୟବସ୍ଥା କରାଯାଇଛି। ଯେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ସେଠାରେ ସୋଲାର ଲାଇଟ ବ୍ୟବସ୍ଥା କରାଯାଇଥିବା ବିଡିଓ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ, ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ମୋଟ ୭୭ ହଜାର ମତଦାତା ରହିଛନ୍ତି। ସେମାନେ କିପରି ସୁବିଧାରେ ମତଦାନ କରିବେ ପ୍ରଶାସନ ସବୁପ୍ରକାର ବ୍ୟବସ୍ଥା କରୁଥିବା କୁହାଯାଇଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ